## ସଂକ୍ଷେପରେ

### ଗାଁରେ ପଶିଲା ଭାଲୁ



**ଠାକୁରମୁଣ୍ଡା,୨୪।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଅଧୀନ ଖଣ୍ଡବନ୍ଧ ପଞ୍ଚାୟତ ପୁରୁଣାପଣି ଗାଁ ଭିତରକୁ ଗୁରୁବାର ମଧ୍ୟାହ୍ନରେ ଗୋଟିଏ ଜଙ୍ଗଲି ଭାଲୁ ପଶି ଆସିଥିଲା। ଏହାକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ଭାଲୁଟି କାହାର କିଛି କ୍ଷତି କରି ନ ଥିବା ବେଳେ ଲୋକେ ତାକୁ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ। ଉକ୍ତ ବୟସ୍କ ଭାଲୁର ଗୋଡ଼ରେ ଆଘାତ ଯୋଗୁ ଛୋଟେଇ ଚାଲୁଥିଲା ବୋଲି ଗ୍ରାମବାସୀ କହିଛନ୍ତି।

### 'ଖଇରାର ବିକାଶକୁ ପ୍ରାଥମିକତା ଦେବି'

**ଖଇରା, ୨୪।୩ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକରେ ନବ ନିର୍ବାଚିତ ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ନାଥ ପରିଡା ବିଜେଡି କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସହଯୋଗରେ ଖଇରାର ବିକାଶକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପାଧ୍ୟକ୍ଷ ପରିଡା ବିଜୟର ଶ୍ରେୟ ତାଙ୍କ ସପକ୍ଷରେ ମତଦାନ କରିଥିବା ସମିତିସଭ୍ୟା/ସଭ୍ୟ ଓ ବିଜେଡି କର୍ମୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ସାରକୋଣା ସରପଞ୍ଚ ସୁଶାନ୍ତ କୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି ତଥା ଅନ୍ୟାନ୍ୟ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ୟୌମେ ମସିହ ମଉଦ ଦିବସ

**ଭଦ୍ରକ ଅଫିସ,୨୪।୩:** ଭଦ୍ରକ ଅହମଦିୟା ମୁସ୍‌ଲିମ ଜମାତ୍ ପକ୍ଷରୁ ୟୌମେ ମସିହ ମଉଦ(ପ୍ରତିଷ୍ଠା ଦିବସ) ବୁଧବାର ପାଳିତ ହୋଇଯାଇଛି। ପ୍ରଥମେ ନମାଜ ତହଜୁଦ ପାଠ କରାଯାଇଥିଲା। ପରେ ଫଜର ନମାଜ ପାଠ, ପବିତ୍ର କୋରାନ ଦର୍ସ, ସାମୂହିକ କୋରାନ ଆବୃତ୍ତି ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏହାପରେ ଜମାତର ସଭାପତି ଶେଖ୍ ଅବ୍‌ଦୁଲ କାଦର ଅହମଦିୟା ପାଠାଗାରର ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ନମାଜ ମଗରିବ ଓ ଈଶା ପରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ବିଶ୍ୱଶାନ୍ତି ଓ ଭାତୃଭାବ ପାଇଁ ସାମୂହିକ ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। ଶେଖ୍ ଗୁଲାମ ଅହମଦ, ଶେଖ୍ ଏଜାଜ ଅହମଦ, ଶେଖ୍ ଜହୂର ଅହମଦ, ଶେଖ୍ ରିଆଜ ଅହମଦ, ମୌଲବୀ ଫକୀରୁଦ୍ଦିନ ଖାଁ ଓ ଫଜଲୁର ରହେମାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଷ୍ଣୁପୁର ବିଦ୍ୟାଳୟରେ ଚିକିତ୍ସା ଶିବିର

**ବାହାନଗା, ୨୪।୩(ଡି.ଏନ.ଏ.):** ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ୧୪ଜଣ ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ରୋଗ ଦେଖାଇବା ନିମନ୍ତେ ସ୍ଥାନୀୟ ଅଞ୍ଚଳରୁ ୫୦୨ ଜଣ ମହିଳା ଓ ପୁରୁଷ ପଞ୍ଜିକୃତ କରିଥିଲେ। ପେଟ ଓ ଯକୃତ ରୋଗ ପାଇଁ ୧୫୦ ଜଣ ରୋଗୀ ଚିକିତ୍ସା ହୋଇଥିବା ବେଳେ ସ୍ନାୟୁ ରୋଗ ନିମନ୍ତେ ୭୫, କାନ ନାକ ଓ କଣ୍ଠ ନିମନ୍ତେ ୭୦, ଆଖି ନିମନ୍ତେ ୬୦, କର୍କଟ ରୋଗୀ ପାଇଁ ୪୦, ଯକୃତ ରୋଗ ନିମନ୍ତେ ୮୦, ହୋମିଓପାଥିକ ଓ ଆୟୁର୍ବେଦୀକ ନିମନ୍ତେ ୨୭ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭୋପାଳ ଚନ୍ଦ୍ର ପଣ୍ଡା, ଉପସଭାପତି ମହେଶ୍ୱର ମହାରଣା, ସମ୍ପାଦକ ନିରଞ୍ଜନ ମହାପାତ୍ର, ସହସମ୍ପାଦକ ମୁକ୍ତିକାନ୍ତ ସ୍ୱାଇଁ, ରବୀନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଭଦ୍ରକ ଅଫିସ,୨୪।୩:** ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଭଦ୍ରକ ପୌରାଞ୍ଚଳ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଉପସ୍ଥିତ ଥିଲେ। ଐତିହାସିକ ଗାନ୍ଧୀପଡ଼ିଆ, ଭଦ୍ରକ ବ୍ଲକ ପରିସର, ମହତାବ କୋଠି ଏବଂ ଜିଲାସ୍କୁଲ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

**ବାଲିଆପାଳ, ୨୪।୩(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର କର୍ମକର୍ତ୍ତା।

ବାଲିଆପାଳ ବ୍ଲକ ଅଧୀନ ସମସ୍ତ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡି ଦେଖାଦେଇଛି। ଫଳରେ ଲୋକେ ବିଭିନ୍ନ କାମ ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଠିକ୍‌ଠାକ୍ କାର୍ଯ୍ୟ ଚାଲିଥିବା କହୁଥିବା ବେଳେ ପ୍ରକୃତପକ୍ଷେ ତାହା ଭିନ୍ନ ବୋଲି ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସୂଚନା ଅଧିକାର ଅଭିଯାନ ଶାଖା ବାଲିଆପାଳ ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀ କୁହାଯାଇଛି। ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଅନୁଜ ମହାପାତ୍ର କହିଥିଲେ ଯେ, ବାଲିଆପାଳ ବ୍ଲକ କାର୍ଯ୍ୟାଳୟ, ତହସିଲ, ସ୍ୱାସ୍ଥ୍ୟ ବିଭାଗ, କୃଷି, ଶିକ୍ଷା, ମତ୍ସ୍ୟ ବିଭାଗରେ ବହୁ କର୍ମଚାରୀ ନାହାନ୍ତି। ନାହିଁ ନାହିଁରେ ଦପ୍ତର ଚାଲିଥିବାରୁ କୁଣ୍ଡୁଲି ପଞ୍ଚାୟତଠାରୁ ଚୌମୁଖ ପଞ୍ଚାୟତ ପର୍ଯ୍ୟନ୍ତ ଲୋକମାନେ ବାଲିଆପାଳ ଆସି କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ଆଗାମୀ ଏକ ମାସ ମଧ୍ୟରେ ବାଲିଆପାଳ ବ୍ଲକ ଅଧୀନ ସରକାରୀ ଦପ୍ତରଗୁଡିକରେ ସମସ୍ତ କର୍ମଚାରୀ ନିଯୁକ୍ତି ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସଂଘର ଗୋପାଳ ଗଙ୍ଗାଇ, ଦେବେନ୍ଦ୍ର ଦାସ, କାହ୍ନୁ ଚରଣ ପାତ୍ର, ଅକ୍ଷୟ ଦାସ, ଶରତ କୁମାର ପାତ୍ର, ବଂଶୀଧର ଜେନା ଓ ବିଜୟ ମାହାନା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ୨୯ରେ ପାଣ୍ଡବଘାଟ ବାରୁଣୀଯାତ୍ରା

**ବାହାନଗା, ୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ରୂପଖଣ୍ଡ ସମୁଦ୍ରକୂଳରେ ପ୍ରତିବର୍ଷ ମାର୍ଚ୍ଚରେ ପାଣ୍ଡବଘାଟ ବାରୁଣି ମହାସ୍ନାନ ବାରୁଣୀଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଣ୍ଡବ ଘାଟ ବାରୁଣୀ ଯାତ୍ରା କମିଟି ସଭାପତି ଦେବେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଦୁଇଦିନ ଧରି ଅନୁଷ୍ଠିତ ହେବ। ଆସନ୍ତା ୨୯ ଓ ୩୦ରେ ଦୁଇଦିନ ଧରି ପାଣ୍ଡବ ଘାଟ ବାରୁଣୀ ଯାତ୍ରା କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗତବର୍ଷ କରୋନା ସଂକ୍ରମଣ ଯୋଗୁ ବାରୁଣୀଯାତ୍ରା ପ୍ରଶାସନ ବନ୍ଦ କରିଦେଇଥିଲା। ଚଳିତବର୍ଷ କରୋନା କଟକଣାର ସମସ୍ତ ପ୍ରତିବନ୍ଧକ ପ୍ରଶାସନ ଉଠାଇ ଦେଇଥିବାରୁ ବାରୁଣୀ ଯାତ୍ରା ଅନୁଷ୍ଠିତ ହେବ। ବିରଜା ପଞ୍ଜିକା ଅନୁଯାୟୀ ତ୍ରୟୋଦଶ ତିଥିରେ ବାରୁଣୀ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ। କମିଟି ସଦସ୍ୟଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ବିଭିନ୍ନ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳ ସୁବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ନିଆଯିବା ସହିତ ବିଡିଓଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମ୍ପାଦକ କାଳି ଚରଣ ମହାପାତ୍ର ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଶୁଖିଲା ଗଛ ଡାଳ ପଡ଼ି ୫ ଆହତ



ଭାଙ୍ଗି ପଡ଼ିଥିବା ଗଛ ଡାଳ।

**ଝୁମ୍ପୁରା,୨୪।୩(ଡି.ଏନ.ଏ)**

କେନ୍ଦୁଝର ଜିଲା ଝୁମ୍ପୁରା ମୁଖ୍ୟ ବଜାର ରାସ୍ତାର ଥାନା ଛକ ନିକଟରେ ଥିବା ଏକ ଶୁଖିଲା ବରଗଛର ଡାଳ ଭାଙ୍ଗି ପଡ଼ିବାରୁ ୫ଜଣ ଆହତ ହୋଇଛନ୍ତି। ୩ଟି ବାଇକ୍ ମଧ୍ୟ ଚୁରମାର ହୋଇଯାଇଛି। ଆହତଙ୍କ ମଧ୍ୟରୁ ପାଟବିଲା ଗ୍ରାମର ସୁଭଦ୍ରା ମହାନ୍ତ ଓ ବଂଶୀଧର ମହାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ସାପ୍ତାହିକ ହାଟ ଥିବାରୁ ବଜାର ଅଞ୍ଚଳ ଗହଳି ଥିଲା। ଲୋକଙ୍କ ଯିବା ଆସିବା ମଧ୍ୟ ଲାଗିରହିଥିଲା। ମଧ୍ୟାହ୍ନ ସମୟରେ ହଠାତ୍ ଗଛ ଡାଳଟି ଭାଙ୍ଗି ପଡ଼ିଥିଲା। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ୩ ବାଇକ୍ ଆରୋହୀଙ୍କ ସମେତ ୫ ଜଣ ଆହତ ହୋଇଥିଲେ। ନିକଟରେ ଥିବା ବିଦ୍ୟୁତ୍ ତାର ମଧ୍ୟ ଛିଣ୍ଡି ପଡ଼ିଥିଲା। ଆହତ ସୁଭଦ୍ରା ଗଛ ଡାଳ ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଉଲ୍ଲେଖଯୋଗ୍ୟ, ଚମ୍ପୁଆ ବଜାରର ୬ଟି ସ୍ଥାନରେ ଏହି ଭଳି ବିପଦସଙ୍କୁଳ ଭାବେ ଶୁଖିଲା ଗଛ ରହିଛି। ବୁଧବାର ଘଟଣା ପରେ ଚମ୍ପୁଆ ରେଞ୍ଜର ସଞ୍ଜିତ ରାଉତ ଏହି ଶୁଖିଲା ଗଛଗୁଡ଼ିକୁ କାଟି ଦେବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## କୁମ୍ଭୀର ପ୍ରତି ସାବଧାନ ରହିବାକୁ ସଚେତନତା

**ଆରଡ଼ି,୨୪।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ଗାଁରେ କୁମ୍ଭୀର ପ୍ରତି ସାବଧାନ ରହିବାକୁ କେତେକ ପିଲା ସଚେତନତା ସୃଷ୍ଟି କରିଛନ୍ତି। ଏହି ସଚେତନତା ସୃଷ୍ଟି କରିବାର ନେତୃତ୍ୱ ନେଇଥିଲେ ଛାତ୍ର ସୁବଳ ସାହୁ। ଗତବର୍ଷ ସେ ମାଟ୍ରିକ ପାଶ କରିଛନ୍ତି। ଏବେ ଭୁବନେଶ୍ୱର ସ୍ଥିତ ରାଜଧାନୀ କଲେଜରେ ଯୁକ୍ତ ୨ (କଳା)ର ପ୍ରଥମ ବର୍ଷର ଛାତ୍ର। ହୋଲି ଛୁଟିରେ ସେ ଘରକୁ ଆସିଥିଲେ। ଦେଖିଲେ ଗାଁ ଲୋକମାନେ ନଦୀରେ ଗାଧୋଇବା ସହ ଶୌଚ ହେଉଛନ୍ତି। ବୈତରଣୀ ନଦୀରେ ଏବେ ୫୦ ରୁ ଅଧିକ କୁମ୍ଭୀର ରହିଛନ୍ତି। ବିଭିନ୍ନ ସମୟରେ ତାଙ୍କ ଗାଁ ସମେତ ନଦୀକୂଳିଆ ଗାଁରେ ଗାଈ, ମଇଁଷି, ଛେଳି,ବାଛୁରୀ ଏପରିକି ମଣିଷ ମଧ୍ୟ କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ସେଥିପାଇଁ ସେ ୧୦ରୁ ଅଧିକ ପିଲାଙ୍କୁ ଧରି ପ୍ଲା ବୋର୍ଡରେ ସଚେତନତା ବାର୍ତ୍ତା ଲେଖି ଲୋକ ମାନଙ୍କୁ ଘରଘର ବୁଲି ବୁଝାଇଛନ୍ତି। କୁମ୍ଭୀର ପ୍ରତି ସାବଧାନ ହୋଇ ନଈକୁ ଆଉ ଗାଧୋଇ ଯିବାନି ବୋଲି କହିଛନ୍ତି। ନଳକୂପ ପାଖରେ ଯାଇ ଗାଧୋଇବାକୁ କହିଛନ୍ତି। ଏତେ କମ ବୟସରେ ଗାଁରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସୁବଳ ଭାଗ ନେବା ସହ ନିଜେ କୋଭିଡ ସମୟରେ ମଧ୍ୟ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଭବିଷ୍ୟତରେ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସେବା କରିବାକୁ ଲକ୍ଷ୍ୟ ରଖିଥିବା ସୁବଳ କହିଛନ୍ତି।

## 'ମହୋତ୍ସବ ଦ୍ୱାରା ସମ୍ପର୍କ ଦୃଢ଼ୀଭୂତ ହୁଏ'

**ବନ୍ତ,୨୪।୩(ସ୍ୱ.ପ୍ର.)**



ମହୋତ୍ସବରେ ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ହେମପଦ୍ମଗାଲାକ୍ସିଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୯ମ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ମନୋଜ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଳା, ସଂସ୍କୃତି ବିଭାଗର ସମ୍ପାଦକ ଶଶୀ କୁମାର ସାହୁ ଯୋଗଦେଇ ମହୋତ୍ସବ ଦ୍ୱାରା ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବା ସହ ମନୋରଞ୍ଜନର ସୁଯୋଗ ମିଳିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସଞ୍ଜୀବ କୁମାର ଲେଙ୍କା ଓ ସାଂସ୍କୃତିକ ସମ୍ପାଦିକା ମମତା ମହାନ୍ତି ବକ୍ତବ୍ୟ ରଖିଥିଲେ। ଆକ୍ସନ ହିରୋ ସ୍ୱୟମ ସିଂହ ଓ ଅଭିନେତ୍ରୀ ଜିନା ସାମଲଙ୍କ ସଂଳାପ, ନୃତ୍ୟ, ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କମିଟି ସାଧାରଣ ସମ୍ପାଦକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଦେଇଥିଲେ।

## ୪୦୨ ୟୁନିଟ୍ ରକ୍ତ ସଂଗୃହୀତ

**ଭଦ୍ରକ ଅଫିସ, ୨୪।୩**

ଭଦ୍ରକ ଜିଲାର ଶହୀଦ ଭଗତ୍ ସେନା ସଙ୍ଗଠନ ପକ୍ଷରୁ ଶହୀଦ ଭଗତ୍ ସିଂ, ରାଜଗୁରୁ ଏବଂ ସୁଖଦେବଙ୍କ ବଳିଦାନ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ଚରମ୍ପା ସ୍ଥିତ ମହାରାଜା ଅଗ୍ରସେନ ଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୁଇ ଶିଶୁ ପ୍ରତିଭା ଭାନଭୀ ଭାବ୍ୟନଶିଖା ଓ ମାମାଲି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆୟୋଜିତ ରକ୍ତଦାନ ଶିବିରରେ ୪୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏସ୍‌ପି ଚରଣ ସିଂ ମୀନା, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରୋହିତ କୁମାର ରାୟ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ମନୋଜ ରାୟ ଏବଂ ଶହୀଦ ଭଗତ୍ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ।



ଶିବିରରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

## ଆହତ ହରିଣ ଉଦ୍ଧାର



**ଆନନ୍ଦପୁର/କଣ୍ଟିପାଳ, ୨୪।୩ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କାଠକଟା ବନଖଣ୍ଡ ଅଧୀନ କଣ୍ଟିପାଳ ସାଉଣ୍ଟିସାହିରୁ ଗୁରୁବାର ଗୁରୁତର ଅବସ୍ଥାରେ ଏକ ହରିଣ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ସକାଳେ ନିକଟସ୍ଥ ବଉଳା ପାହାଡ଼ରୁ ଗ୍ରାମ ମଧ୍ୟକୁ ଦୁଇଟି ହରିଣ ପଳାଇ ଆସିଥିଲେ। ସ୍ଥାନୀୟ ମେଲଣ ପଡ଼ିଆରେ ଦୁଇ ହରିଣକୁ ଦେଖି କୁକୁର ଆକ୍ରମଣ କରିଥିଲେ। ଗୋଟିଏ ହରିଣ କୌଶଳ କ୍ରମେ ଜଙ୍ଗଲକୁ ପଳାଇଥିବା ବେଳେ ଅନ୍ୟଟି କୁକୁର କାମୁଡ଼ାରେ ଗୁରୁତର ହୋଇପଡ଼ିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। କାଠକଟା ବନ ବିଭାଗ ପକ୍ଷରୁ ଆହତ ହରିଣର ଚିକିତ୍ସା ବ୍ୟବସ୍ଥାକରାଯାଇଛି।

## ୪ ପଦ୍ମଶ୍ରୀ ବିଜେତାଙ୍କୁ ସମ୍ବର୍ଦ୍ଧନା




ଆୟୁଷ୍ମାନ ଫାଉଣ୍ଡେଶନ ତରଫରୁ ବାବା ବଳିଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖଇରା, ୨୪।୩(ଡି.ଏନ.ଏ.)**

ଓଡିଶାରୁ ୪ ବିଶିଷ୍ଟ ବ୍ୟକ୍ତି ପଦ୍ମଶ୍ରୀ ଉପାଧିରେ ବିଭୂଷିତ ହୋଇ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ପରେ ଦିଲ୍ଲୀ ହାଉଜ୍‌ଖାସ ଜଗନ୍ନାଥ ମନ୍ଦିର ପରିସରରେ ବିଭିନ୍ନ ଓଡିଆ ସଙ୍ଗଠନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୀଳାଚଳ ସେବା ସଂଘ, ଓଡିଆ ମହାମଞ୍ଚ ଓ ପ୍ରବାସୀ ଓଡିଆ ସଙ୍ଗଠନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ସମ୍ବର୍ଦ୍ଧନା ପର୍ବ ନୂତନ ଚେତନା ପ୍ରଦାନ କରିବା ସହ ପ୍ରେରଣାଦାୟୀ ହେବ ବୋଲି କହିଥିଲେ। ପଦ୍ମଶ୍ରୀ ସମ୍ମାନର ଅଧିକାରୀ ଶ୍ରୀମଦ ବାବା ବଳିଆ, ଡଃ ଶ୍ୟାମାମଣି ଦେବୀ, ଡଃ ଆଦିତ୍ୟ ପ୍ରସାଦ ଦାଶ, ନରସିଂହ ପ୍ରସାଦ ଗୁରୁ ଓ ଅଞ୍ଜଳି ମହାପାତ୍ରଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଖଇରା ତଥା ଦିଲ୍ଲୀରେ ସମାଜସେବା କାର୍ଯ୍ୟରେ ସାମିଲ ହୋଇଥିବା ଆୟୁଷ୍ମାନ ଫାଉଣ୍ଡେଶନ ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ, ନିବେଦିତା ଜେନା, ପ୍ରମୋଦ ସାମଲ ପ୍ରମୁଖ ବାବା ବଳିଆଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଫତେପୁର ମେଳନରେ କଳାକାର ସମ୍ବର୍ଦ୍ଧିତ

**ବାହାନଗା, ୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମରେ ଅନୁଷ୍ଠିତ ଶ୍ରୀ ଶ୍ରୀରାଧାକୃଷ୍ଣ ଜୀଉ ମେଳନ ଯାତ୍ରାରେ ବିଭିନ୍ନ କଳାରେ ପାରଦର୍ଶିତା ଅର୍ଜନ କରିଥିବା ୩ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମ ଦିନରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଆସିବା ପରେ ଗ୍ରାମରେ ଚାଚେରୀ ଯାତ୍ରା କରି ଗ୍ରାମ ପରିକ୍ରମା କରାଯାଇଥିଲା। ଦ୍ୱିତୀୟ ଦିନ ଉତ୍ସବରେ ଗାଁ ପ୍ରତିଭା ସମ୍ମାନ ସମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶିଶିର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋପାଳପୁର ଫାଣ୍ଡି ପୋଲିସ୍ କର୍ମଚାରୀ ବିକାଶ କୁମାର ମହାପାତ୍ର ଯୋଗ ଦେଇଥିଲେ। କମିଟି ଆବାହକ ଦେବାଶିଷ ନାୟକ ଗ୍ରାମର ଐତିହାସିକ ମେଳନ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନୃତ୍ୟ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଜେନା, ମୃଦଙ୍ଗ ବାଦକ ତଥା ଗାୟକ ଦାମୋଦର ରାଉତ ଓ ମଞ୍ଚ ଅଭିନେତା କମଳାକାନ୍ତ ପାତ୍ରଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଥାନା ଆଗରେ ମେଲୋଡି ରୋକିଲା ପୋଲିସ

**ଜଳେଶ୍ୱର, ୨୪।୩(ଡି.ଏନ.ଏ.)**

### ଆୟୋଜକ, ଗ୍ରାମବାସୀଙ୍କ ଥାନା ଘେରାଉ

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଥାନା ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କେତେକ ଗ୍ରାମବାସୀ ଏକ ମେଲୋଡି ଆୟୋଜନ କରିଥିଲେ। ହୋଲି ଉପଲକ୍ଷେ ସେଠାରେ ଦିନବେଳା ମହୋତ୍ସବ ହୋଇଥିଲା। ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଉକ୍ତ ସ୍ଥାନରେ ପ୍ରଶାସନର ବିନା ଅନୁମତିରେ ମାଇକ୍ ବାଜୁଥିବାରୁ ରାଇବଣିଆ ଥାନା ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ ମାଇକ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାତି ୭ଟାରେ ଆୟୋଜକମାନେ ଥାନାରେ ପହଞ୍ଚି ମେଲୋଡି କାହିଁକି କରାଯିବ ନାହିଁ ବୋଲି ଥାନା ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ନିର୍ବାଚନ ଚାଲିଥିବାରୁ ଥାନାରେ ଆବଶ୍ୟକ ସଂଖ୍ୟକ ପୋଲିସ ନ ଥିବାରୁ ସଙ୍ଗେ ସଙ୍ଗେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ମନା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। କେତେକ ଗ୍ରାମବାସୀ ଉକ୍ତ ସ୍ଥାନରେ ମେଳି ହେବା ସହିତ ଥାନା ଘେରାଉ କରିଥିଲେ। ଥାନା ଉପରକୁ ଟେକା ପଥର ମରାଯାଉଥିବା ଖବରପାଇ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ।

## ମାଟି ତଳୁ ବାହାରିଲା ବିଗ୍ରହ

**ବାହାନଗା, ୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକର ଅଞ୍ଜି ପଞ୍ଚାୟତ ଖରିଦା ଗ୍ରାମ ନିକଟସ୍ଥ ବିଶାଳପୋଖରୀ ଆଡି ଉପରେ ମହାଦେବଙ୍କ ନୂତନ ବିଗ୍ରହ ସମେତ ଅନ୍ୟାନ୍ୟ ଠାକୁର ଓ ଠାକୁରାଣୀ ନୂତନ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ଖରିଦା ଗ୍ରାମର କର୍ମକାଣ୍ଡ ବ୍ରାହ୍ମଣ ଗୟାଧର ଶତପଥୀଙ୍କୁ ସ୍ୱପ୍ନାଦେଶ ପରେ ତାଙ୍କ ସୂଚନାକୁ ଭିତ୍ତି କରି ମାଟି ଖୋଳି ବିଗ୍ରହଗୁଡିକୁ ବାହାର କରାଯାଇଛି। ଏହି ବିଗ୍ରହକୁ ପ୍ରତିଷ୍ଠା କରାଯାଇ ପୂଜାଯଜ୍ଞ ଆରମ୍ଭ ହୋଇଛି। ପୋଖରୀ ଆଡିରେ ଥିବା ବିଭିନ୍ନ ବେଲ ଗଛମୂଳେ ମା' ବନଦୁର୍ଗାଙ୍କ ବିଗ୍ରହ ସ୍ଥାପନ କରାଯିବା ସହିତ ପୂଜା ଓ ଯଜ୍ଞ ଆରମ୍ଭ ହୋଇଛି।



ମାଟିତଳୁ ଉଦ୍ଧାର ହୋଇଥିବା ବିଗ୍ରହ।

ସେହିପରି ମା' ଚଣ୍ଡୀ, ମନୀଷା ଠାକୁରାଣୀ, ମା' ମାଟିଆ ମଙ୍ଗଳା, ତରିହର ବାବାଙ୍କ ଲିଙ୍ଗ ସ୍ଥାପନ, ଶନିଶ୍ଚରଙ୍କ ବିଗ୍ରହ ସ୍ଥାପନ, ହନୁମାନଙ୍କ ମାଟିତଳୁ ଉଦ୍ଧାର କରାଯାଇ ପଥର ବିଗ୍ରହ ସ୍ଥାପନ, କପିଳ ମୁନିଙ୍କ ବିଗ୍ରହ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ହେବା ସହିତ ଯଜ୍ଞ କରାଯାଇଛି। ଶନିବାର ପୂର୍ଣ୍ଣାହୁତି ଦିଆଯିବ।

# ପର୍ଯ୍ୟଟନ କ୍ଷେତ୍ର ଅନୁଧ୍ୟାନ କଲେ ଜିଲାପାଳ

**ଭୋଗରାଇ, ୨୪।୩(ଡି.ଏନ.ଏ.)**



ତାଳସାରୀ-ଉଦୟପୁର ପର୍ଯ୍ୟଟନସ୍ଥଳୀକୁ ଅନୁଧ୍ୟାନ କରୁଛନ୍ତି ଜିଲାପାଳ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର-ତାଳସାରୀ ବେଳାଭୂମି ଓ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ କରାଯିବ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କ୍ଷେତ୍ର ଅନୁଧ୍ୟାନ କରିବା ପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ଏ ଦିଗରେ ଗୁରୁତ୍ୱାରୋପ କରିଛନ୍ତି।

ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ସୈକତ ସହର ଭଳି ଉଦୟପୁର-ତାଳସାରୀ ବେଳାଭୂମିକୁ ବିଶ୍ୱମାନର ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ କିଛିବର୍ଷ ଧରି ତାଳସାରୀ ସାମୁଦ୍ରିକ ଉତ୍ସବରେ ଘୋଷଣା କରିଆସୁଛନ୍ତି। ପର୍ଯ୍ୟଟନ ବିଭାଗର ଉଚ୍ଚାଧିକାରୀଙ୍କ ସହିତ ଓଡ଼ିଶା ସରକାରଙ୍କ ୫-ଟି ସଚିବ ମଧ୍ୟ ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଗୁରୁତ୍ୱ ଦେଇ ଉଦୟପୁର-ତାଳସାରୀ ୨.୭କି.ମି.ର ସାମୁଦ୍ରିକ ତଟ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୫୬ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ। ୨୦୨୧ ଡିସେମ୍ବର ୨୮ରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ୨୯କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ ନିମନ୍ତେ ଘୋଷଣା କରିଥିଲେ। ଉଦୟପୁର-ତାଳସାରୀ ସାମୁଦ୍ରିକ ତଟ ପଥରବନ୍ଧ ହେଉଥିବା ବେଳେ ଗତ ୨୦୨୧ ବାତ୍ୟା 'ୟାସ୍'ରେ ସାମୁଦ୍ରିକ ତଟ ଭାଙ୍ଗିଯାଇ ବିପଦ ସୃଷ୍ଟି କରିଥିଲା। ଏବେ ପଥରବନ୍ଧ କାର୍ଯ୍ୟ ଓସିସିକୁ ଦିଆଯାଇଥିବା ବେଳେ ଉପକୂଳ ସୌନ୍ଦର୍ଯ୍ୟକରଣ ପାଇଁ ଏନ୍‌ବିସିସି କମ୍ପାନୀକୁ ଟେଣ୍ଡର ଦିଆଯାଇଛି। ଏଥିସହିତ ଚନ୍ଦନେଶ୍ୱର ମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ପାଇଁ ୩କୋଟି ୫ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟର ମନ୍ଥର ଗତିକୁ ନେଇ ଜିଲାପାଳ ଯୁଦ୍ଧକାଳୀନଭିତ୍ତିରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ସହିତ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ଜିଲା ପର୍ଯ୍ୟଟନ ବିଭାଗ ଅଧିକାରୀ ଗଗନ ସାହୁ, ସେଚ ବିଭାଗ ଅଧିକାରୀ (ଇଂ.) ବିଭୁଦତ୍ତ ମିଶ୍ର, ଓସିସିର ବରିଷ୍ଠ ପରିଚାଳକ ଦୀପକ କୁମାର ଦେହୁରୀ, ଏନ୍‌ବିସିସିର ମୁଖ୍ୟ ଏ.କେ. ସୋମଙ୍କ ସହ ବହୁ ବରିଷ୍ଠ ପଦାଧିକାରୀ ସାମୁଦ୍ରିକ ତଟ ଅନୁଧ୍ୟାନ କରି ଫେରିଥିଲେ।

## ସଂକ୍ଷେପରେ

### ଭାଜପା କର୍ମୀଙ୍କୁ ଭୁଜାଲି ମାଡ଼

**ଜଳେଶ୍ୱର, ୨୪।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ପୌର ନିର୍ବାଚନ ଅବ୍ୟବହିତ ପୂର୍ବରୁ ବୁଧବାର ରାତି ୭ଟା ବେଳେ ୩ଜଣ ଯୁବକ ଜଣେ ଭାଜପା କର୍ମୀଙ୍କୁ ଭୁଜାଲି ମାରି ଫେରାର ହୋଇଯାଇଛନ୍ତି। ପୌରପରିଷଦର ୧୦ୱାର୍ଡ଼ ଶାନ୍ତିଆ ଗ୍ରାମର ରାଜେଶ୍ୱର ଅଣ୍ଡିଆ(୫୦) ଘର ନିକଟ ଉଚପଦାଠାରେ ଠିଆ ହୋଇଥିବା ବେଳେ ଏକ ବାଇକ୍‌ରେ ୩ଜଣ ଯୁବକ ସେଠାରେ ପହଞ୍ଚିଥିଲେ । ସେମାନେ ଏକ ଭୁଜାଲିରେ ତାଙ୍କ ଛାତିକୁ ହାଣିବା ପରେ ସେ ତଳେ ପଡ଼ିଯାଇଥିଲେ। ସେମାନେ ପୁଣି ତାଙ୍କ ମୁଣ୍ଡକୁ ଆଘାତ କରିବାରୁ ମୁଣ୍ଡରେ ଗଭୀର କ୍ଷତ ହେବା ସହିତ ହାତ ପାପୁଲି କଟିଯାଇଥିଲା । ଗ୍ରାମବାସୀ ଦୌଡ଼ି ଆସିବାରୁ ଯୁବକମାନେ ସେଠାରୁ ଖସି ପଳାଇଥିଲେ। ଆହତଙ୍କୁ ଜଳେଶ୍ୱର ମେଡ଼ିକାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇଛି।

### ଟଙ୍କା ବାଣ୍ଟି ସ୍ୱାଧୀନ ପ୍ରାର୍ଥିନୀଙ୍କ ସ୍ୱାମୀ ଅଟକ

**ଭଦ୍ରକ ଅଫିସ, ୨୪।୩:** ଭଦ୍ରକ ପୌରପାଳିକାର ୮ ନଂ. ୱାର୍ଡ ଉପର ବାଗୁରାଇଠାରେ ଗୁରୁବାର ଟଙ୍କା ବାଣ୍ଟିବା ଅଭିଯୋଗରେ ଜଣେ ସ୍ୱାଧୀନ ପ୍ରାର୍ଥିନୀଙ୍କ ସ୍ୱାମୀଙ୍କୁ ଟାଉନ ଥାନା ପୋଲିସ ଅଟକ ରଖିଛି। ସୂଚନା ଅନୁଯାୟୀ, କାଉନ୍‌ସିଲର ପଦ ପାଇଁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଉକ୍ତ ପ୍ରାର୍ଥିନୀଙ୍କ ସ୍ୱାମୀ ଟଙ୍କା ବାଣ୍ଟୁଥିବା ବେଳେ ସ୍ଥାନୀୟ ଲୋକେ କାବୁ କରିଥିଲେ। ଖବର ପାଇ ଟାଉନ ପୋଲିସ ପହଞ୍ଚି ତାଙ୍କଠାରୁ ୨୫,୬୧୦ଟଙ୍କା ଜବତ କରିବା ସହ ହେପାଜତକୁ ନେଇଥିଲା। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା।

### ଚାନ୍ଦବାଲି ଏନ୍‌ଏସି ନିର୍ବାଚନ: ୭୧.୮୧% ଭୋଟ୍

**ଚାନ୍ଦବାଲି, ୨୪।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ଏଠାରେ ନିର୍ବାଚନ ପାଇଁ ଭୋଟରଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଥିଲା। ୬ଜଣ ଅଧକ୍ଷା ପ୍ରାର୍ଥୀ ଓ ୧୫ ୱାର୍ଡ ପାଇଁ ୫୪ଜଣ କାଉନ୍‌ସିଲର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଏନ୍‌ଏସିରେ ମୋଟ ଭୋଟର ସଂଖ୍ୟା ୨୧, ୬୦୨ ଥିବାବେଳେ ୭୧.୮୧ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି। ୨୫ଟି ବୁଥ୍‌ରେ ଭୋଟର ମତଦାନ କରିଥିଲେ। ସମସ୍ତ ବୁଥ୍‌ରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ତେବେ ୩ ନଂ ୱାର୍ଡର ୪ ନଂ. ବୁଥ୍‌ରେ ଗଣ୍ଡଗୋଳ ହୋଇଥିଲା। ୧ ନଂ ୱାର୍ଡର ୧ ନଂ. ବୁଥ୍ ତଥା କୁସୁମ ମଝିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ୍ ଖରାପ ଯୋଗୁ ମତଦାନ ବିଳମ୍ବ ହୋଇଥିଲା।

### ଜଳେଶ୍ୱର ପୌରପାଳିକା: ୮୦.୩୭ ପ୍ରତିଶତ ମତଦାନ

**ଜଳେଶ୍ୱର, ୨୪।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳର ୧୭ ୱାର୍ଡ ଲାଗି ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି । ମୋଟ ୪ଜଣ ଅଧକ୍ଷ ପ୍ରାର୍ଥୀ ଓ ୫୫ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ମୋଟ ୮୦.୩୭ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସୂଚନା ଦେଇଛନ୍ତି। ୨୪ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିଲା। ସେଥିରୁ ୩ଟି ପିଙ୍କ ବୁଥ୍ ଓ ୩ଟି ମଡେଲ ବୁଥ୍ ହୋଇଥିବା ବେଳେ ୮ଟି ସମ୍ବେଦନଶୀଳ ବୁଥ୍‌ରେ କଡା ପହରା ମଧରେ ଭୋଟଦାନ କରାଯାଇଥିବା ପୌର ଅଧିକାରୀ ଅଜୟ ମହାପାତ୍ର ସୂଚନା ଦେଇଛନ୍ତି। ଇଭିଏମ୍‌କୁ ଜଳେଶ୍ୱର ନୋଡାଲ ହାଇସ୍କୁଲ ପରିସରରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବାର ବ୍ୟବସ୍ଥା କରାଯାଇଛି।

# ସରିଲା ନିର୍ବାଚନ, ବଢ଼ିଲା ଉତ୍କଣ୍ଠା

## ମୟୂରଭଞ୍ଜ ଜିଲାରେ ଶାନ୍ତିପୂର୍ଣ୍ଣ ମତଦାନ

**ବାରିପଦା ଅଫିସ/ଉଦଳା/ଠାକୁରମୁଣ୍ଡା/ ରାଇରଙ୍ଗପୁର, ୨୪।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାର ବାରିପଦା, ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆ ପୌର ନିର୍ବାଚନ ଗୁରୁବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି । ବାରିପଦାରେ ୬୪.୯୨%, ରାଇରଙ୍ଗପୁରରେ ୭୦.୮୩%, କରଞ୍ଜିଆରେ ୭୩.୧୫% ଓ ଉଦଳାରେ ୮୩% ମତଦାନ ହୋଇଛି। ବାରିପଦା ପୌର ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୧୬ ଅଧକ୍ଷ ଓ ୧୧୨ଜଣ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟଫଳ ଇଭିଏମ୍‌ରେ ବନ୍ଦ ରହିଛି। ଆଗାମୀ ୨୬ତାରିଖ ସକାଳ ୮ଟାରୁ ଗଣତି ଆରମ୍ଭ ହେବାକୁ ଥିବା ବେଳେ ଜନାଦେଶକୁ ପ୍ରାର୍ଥୀ ଓ ଭୋଟର ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି ।

ସର୍ବପୁରାତନ ବାରିପଦା ପୌର ପରିଷଦ ନିର୍ବାଚନରେ ଚଳିତ ବର୍ଷ ରାଜ୍ୟର ଦ୍ୱିତୀୟ ସର୍ବାଧିକ ପୌରାଧକ୍ଷ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ୨୮ଟି ୱାର୍ଡ ପାଇଁ ୮୨ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇ ଥିବା ବେଳେ ୩ଟି ପିଙ୍କ୍ ବୁଥ୍ ଓ ୩ଟି ଆଦର୍ଶ ବୁଥ୍ କରାଯାଇଥିଲା । ପିଙ୍କ୍ ବୁଥ୍‌ରେ ସମସ୍ତେ ମହିଳା ଅଧିକାରୀ ରହିଥିବା ବେଳେ ପିଙ୍କ୍ ରଙ୍ଗରେ କେନ୍ଦ୍ରକୁ ଆକର୍ଷଣୀୟ କରାଯାଇଥିଲେ। ମହିଳା ଭୋଟରମାନେ ଆନନ୍ଦର ସହ ବୁଥ୍‌କୁ ଯାଇ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା । ସେହିପରି ଅନ୍ୟ ବୁଥ୍ ଗୁଡିକରେ ଭୋଟରମାନେ ଲମ୍ବା ଲାଇନରେ ଆସି ନିଜର ପସନ୍ଦଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ । ଭୋଟ ଗ୍ରହଣ ପରେ ଇଭିଏମ୍ ଗୁଡ଼ିକ ସ୍ଥାନୀୟ ବାରିପଦା କଲେଜ ପରିସରରେ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ୧୦ଟି ଉତ୍ତେଜନା ପ୍ରବଣ ବୁଥ୍‌ରେ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ପରିବାର ସହ ବାରିପଦାର ୧୭ନଂ. ୱାର୍ଡର ବୁଥ୍ ନଂ.୪୮ରେ ଭୋଟ ଦେଇଥିଲେ। ଉଦଳା ଏନଏସି ଅଧୀନ ୧୨ ୱାର୍ଡରେ ୮୩% ମତଦାନ ହୋଇଛି। ମୋଟ ୯୨୭୩ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ମୋଟ ୬ ଅଧକ୍ଷ ଓ ୩୬ଜଣ କାଉନସିଲର ପ୍ରାର୍ଥୀଙ୍କୁ ୯୨୭୩ଜଣ ଭୋଟର ଭୋଟ ଦେଇଛନ୍ତି। କରଞ୍ଜିଆ ଏନ୍‌ଏସିର ମୋଟ ୧୫ ୱାର୍ଡର ୨୦ ବୁଥ୍‌ରେ ୭୩.୧୫ ପ୍ରତିଶତ ମତଦାନ ହୋଇଛି। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୭ ଅଧକ୍ଷ ଓ ୪୭ କାଉନସିଲର ପ୍ରାର୍ଥୀଙ୍କୁ ମୋଟ ୧୨୪୯୩ ଭୋଟର ଭୋଟ ଦେଇଛନ୍ତି। ରାଇରଙ୍ଗପୁର ପୌର ପରିଷଦରେ ୭୦.୮୩% ମତଦାନ ହୋଇଛି। ୧୫ ୱାର୍ଡ ବିଶିଷ୍ଟ ଏହି ପୌର ପରିଷଦରେ ୫ ଅଧକ୍ଷ ଓ ୪୬ଜଣ କାଉନସିଲର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।



ପରିବାର ସହ ମନ୍ତ୍ରୀ ସୁଦାମ ମାରାଣ୍ଡି ଭୋଟ ଦେଇ ଫେରୁଛନ୍ତି ।

## ବାଲେଶ୍ୱର ପୌରାଞ୍ଚଳ ୬୨.୪% ମତଦାନ



ବିଜେଡି ଓ ଭାଜପା ଅଧକ୍ଷା ପ୍ରାର୍ଥିନୀ ମତଦାନ କରୁଛନ୍ତି।

**ବାଲେଶ୍ୱର ଅଫିସ, ୨୪।୩**

ବାଲେଶ୍ୱର ପୌରାଞ୍ଚଳରେ ୩୧ଟି ୱାର୍ଡ଼ରେ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ୩୧ନଂ. ୱାର୍ଡ଼ର କାଉନସିଲର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବେଳେ ୩୦ଟି ୱାର୍ଡ଼ ପାଇଁ ୧୩୨ ଜଣ କାଉନ୍‌ସିଲର ଏବଂ ୫ ଅଧକ୍ଷା ପଦବୀ ପାଇଁ ମତଦାନ ହୋଇଥିଲା। ମୋଟ ୬୨.୪% ପୋଲିଂ ହୋଇଥିବା ପୌର ନିର୍ବାଚନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସୂଚନା ଦେଇଛନ୍ତି।

ପ୍ରତ୍ୟେକ ବୁଥ୍ ପାଇଁ ଜଣେ ପ୍ରିଜାଇଡିଂ ଅଫିସର, ୪ଜଣ ପୋଲିଂ ଅଫିସର ଏବଂ ଜଣେ ସୁରକ୍ଷାକର୍ମୀ ନିଯୁକ୍ତ ହୋଇଥିଲେ। ବିଜେଡି ଅଧକ୍ଷା ପ୍ରାର୍ଥିନୀ ସବିତା ସାହୁ ୧୩ନଂ. ୱାର୍ଡ଼ର ବଟେଶ୍ୱର ଅଞ୍ଚଳର ରାମକୃଷ୍ଣ ସଂସ୍କୃତ ମହାବିଦ୍ୟାଳୟରେ ହୋଇଥିବା ବୁଥ୍‌ରେ ଭୋଟ୍ ଦେଇଥିବା ବେଳେ ଭାଜପା ଅଧକ୍ଷା ପ୍ରାର୍ଥିନୀ ରଶ୍ମିରେଖା ଦେବ ୨୫ନଂ. ୱାର୍ଡ଼ର ମାଣିଖମ୍ବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବଂ କଂଗ୍ରେସ ଅଧକ୍ଷା ପ୍ରାର୍ଥିନୀ ପ୍ରଜ୍ଞା ପରମିତା ବିଶ୍ୱାଳ ୧୭ନଂ. ୱାର୍ଡ଼ର ମିଶନ ବାଳିକା ଉଚ୍ଚ ବିଦ୍ୟାଳୟରେ ଭୋଟ ଦେଇଛନ୍ତି। କିନ୍ତୁ ଚଳିତ ପୌର ନିର୍ବାଚନରେ ଭୋଟରମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଗୋଟିଏ ପରିବାରର ଭୋଟରମାନଙ୍କର ମତଦାନ କେନ୍ଦ୍ର ଭିନ୍ନ ଭିନ୍ନ ବୁଥ୍‌ରେ ପଡ଼ିଥିଲା। ଏପରିକି କେତେକ ଭୋଟର ନିଜର ଭୋଟଦାନ କେନ୍ଦ୍ର ନ ପାଇ ଭୋଟ ଦେବାରୁ ବଞ୍ଚିତ ହୋଇଥିଲେ। ସେହିପରି କିଛି ଭୋଟର ଏହି ଅସୁବିଧାରେ ସମ୍ମୁଖୀନ ହୋଇ ଭୋଟଦାନ କେନ୍ଦ୍ରକୁ ଯାଇ ନ ଥିବାର ଜଣାପଡ଼ିଛି। ଏଥିପାଇଁ ଚଳିତ ପୌର ନିର୍ବାଚନରେ ମତଦାନ ହାର କମିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଶାନ୍ତି ଶୃଙ୍ଖଳା ଭାବେ ନିର୍ବାଚନର ମତଦାନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆସନ୍ତା ୨୬ ତାରିଖ ସରକାରୀ ଆଇଟିଆଇ କଲେଜରେ ଗଣତି ହେବ। ଏବେଠାରୁ ପ୍ରାର୍ଥୀମାନଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଛି।

## ଭୋଟ ଦେଇପାରିଲେନି ୩୫ରୁ ଊର୍ଦ୍ଧ୍ୱ ଭୋଟର

### ଭୋଟର ତାଲିକାରୁ ନାଁ କଟିବା ନେଇ ଉତ୍ତେଜନା

**ବାସୁଦେବପୁର, ୨୪।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ୱାର୍ଡର କାଉନ୍‌ସିଲର ଓ ପୌରାଧକ୍ଷ ପଦବୀ ପାଇଁ ଗୁରୁବାର ନିର୍ବାଚନ ଶେଷ ହୋଇଛି। ତେବେ ଭୋଟର ତାଲିକାରୁ ନାଁ କଟି ଯାଇଥିବାରୁ ପୌରପାଳିକାର ବାଷଠୀ ଗ୍ରାମର ୩୫ରୁ ଊର୍ଦ୍ଧ୍ୱ ଭୋଟର ମତଦାନ କରିପାରି ନାହାନ୍ତି। ଏହାକୁ ନେଇ ବାଷଠୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଭୋଟଗ୍ରହଣ କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ଭୋଟ୍ ଦେବାକୁ ଆସି ଏହି ଭୋଟରମାନେ ନିରାଶ ହେବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଉତ୍ତେଜନା ଯୋଗୁ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଭୋଟ୍ ପ୍ରକ୍ରିୟା ବନ୍ଦ ରହିଥିଲା । କେଉଁ କାରଣ ପାଇଁ ଓ କିଏ ଭୋଟର ତାଲିକାରୁ ସେମାନଙ୍କ ନାଁ କାଟିଲେ, ତାହା ଜାଣିବାକୁ ଚାହିଁବା ସହ ଭୋଟ ଦେବାକୁ ସେମାନେ ଜିଦ୍ ଧରିଥିଲେ।

ଖବର ପାଇ ବିଭିନ୍ନ ରାଜନୈତିକ ଦଳର ନେତା, ତହସିଲଦାର ତଥା ନିର୍ବାଚନ ପରିଚାଳନା ଅଧିକାରୀ ଅନୀତା ନାୟକ, ପୌର ଅଧିକାରୀ ମାନସ ଦଣ୍ଡପାଟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର କେରକେଟା, ଡିଏସ୍‌ପି ଅଭିଷେକ ପାଣିଗ୍ରାହୀ, ଆଇଆଇସି ଅମିତ ଭୁୟାଁ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ୨ ଘଣ୍ଟା ବିଳମ୍ବରେ ଭୋଟ୍ ହୋଇଥିଲା । ଭୋଟରଙ୍କ ନାଁ କାଟିବାରେ ଭୂମିକା ଥିବା ଅଭିଯୋଗ କରି ବିଏଲ୍‌ଓଙ୍କୁ ଉତ୍ତ୍ୟକ୍ତ ଲୋକେ ଠେଲାପେଲା କରିଥିଲେ। ପୋଲିସ ହସ୍ତକ୍ଷେପ କରି ତାଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ସେହିପରି ଏହି ବୁଥ୍‌ରେ କେତେଜଣ ବ୍ୟକ୍ତି ଅପରାହ୍ନ ୫ଟା ପରେ ପହଞ୍ଚି ଭୋଟ୍ ଦେବାକୁ ଜିଦ୍ ଧରିଥିଲେ। ଏହାକୁ ନେଇ ମଧ ଶେଷ ପର୍ଯ୍ୟାୟରେ ଉତ୍ତେଜନା ଦେଖାଦେଇଥିଲା।

## ୭୬.୩୫ ପ୍ରତିଶତ ମତଦାନ

**ଆନନ୍ଦପୁର, ୨୪।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୧୬ ୱାର୍ଡର ୩୩ଟି ବୁଥ୍‌ରେ ୭୬.୩୫ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ୫୨ କାଉନ୍‌ସିଲର ପ୍ରାର୍ଥୀ ଏବଂ ୫ ପୌରାଧକ୍ଷ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଥିବା ବେଳେ ୩ ଓ ୯ ନଂ. ୱାର୍ଡରେ କାଁ ଭାଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଶାନ୍ତିଶୃଙ୍ଖଳାରେ ସରିଲା ନୀଳଗିରି ଏନଏସି ନିର୍ବାଚନ

**ସଜନାଗଡ, ୨୪।୩(ଡି.ଏନ.ଏ.)**

ନୀଳଗିରି ଏନଏସିର ୧୩ଟି ୱାର୍ଡ ଲାଗି ମତଦାନ ଶେଷ ହୋଇଛି। ୧୫ଟି ମତଦାନ କେନ୍ଦ୍ର ହୋଇଥିବା ବେଳେ ୫ ନମ୍ବର ୱାର୍ଡ ବରିସାହିରେ ପିଙ୍କ୍ ବୁଥ ହୋଇଥିଲା। ପ୍ରତ୍ୟେକ ବୁଥରେ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଛକାପଞ୍ଝାରେ ସରିଲା ଯୋଡ଼ା ପୌର ନିର୍ବାଚନ

**ଯୋଡ଼ା, ୨୪।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌର ପରିଷଦ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୯ଜଣ ଅଧକ୍ଷ ପ୍ରାର୍ଥୀ ଓ ୫୬ କାଉନସିଲର ପ୍ରାର୍ଥୀ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସମୁଦାୟ ୧୪ଟି ୱାର୍ଡରେ ୨୮,୯୫୦ ଭୋଟର ଥିବା ବେଳେ ୭୧.୬୯ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ନିର୍ବାଚନ ଦିନ ମଧ ଟଙ୍କା ଓ ମିଷ୍ଟାନ୍ନ ବଣ୍ଟନକୁ ନେଇ ପ୍ରାର୍ଥୀମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ଦେଖିବାକୁ ମିଳିଥିଲା। ୱାର୍ଡ ନଂ.୩ରେ ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ଭୋଟରମାନଙ୍କୁ ଟଙ୍କା ବଣ୍ଟା ଯାଉଥିବା ଭାଜପା ନଗର ଉପସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ସମ୍ବେଦନଶୀଳ ବୁଥଗୁଡ଼ିକରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।



ଦଳୀୟ ଶାଢ଼ୀ ପିନ୍ଧି ଭୋଟ ଦେବାକୁ ଯାଉଥିବା ମହିଳା ।

## ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ

### ଚମ୍ପୁଆ ଏନ୍‌ଏସି ନିର୍ବାଚନ

**ଚମ୍ପୁଆ, ୨୪।୩ (ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ନିର୍ବାଚନ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୧୩ ୱାର୍ଡରେ ୧୬ଟି ବୁଥ୍‌ରେ ଭୋଟରମାନେ ମତ ସାବ୍ୟସ୍ତ କରିଛନ୍ତି। ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ପିଙ୍କ୍ ବୁଥ୍ କରାଯାଇଥିବା ବେଳେ ବୟସାଧିକଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଥିଲା। ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ଅଧକ୍ଷ ପଦ ପାଇଁ ୭ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଅଧକ୍ଷ ଓ କାଉନ୍‌ସିଲର ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ରହିଛି। ଏହି ଏନ୍‌ଏସିରେ ମୋଟ ୧୧ ହଜାର ୮୦୦ ଭୋଟର ରହିଥିବା ବେଳେ ମତଦାନ ହାର ଭଲ ହୋଇଥିବା ଜଣାଯାଇଛି।




ପିଙ୍କ୍ ବୁଥ୍‌ରେ ମତଦାନ କରିଥିବା ଭୋଟର।

## ଦୁଇଗୋଷ୍ଠୀ ମୁହାଁମୁହିଁ, ଇଭିଏମ୍ ଭଙ୍ଗାରୁଜା

**ଭଦ୍ରକ ଅଫିସ, ୨୪।୩**

ଭଦ୍ରକ ପୌରପାଳିକା ନିର୍ବାଚନ ଚାଲିଥିବା ବେଳେ ଗୁରୁବାର କେତେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ଫଳରେ କେତେକ ସ୍ଥାନରେ ମତଦାନ ବନ୍ଦ ରହିଛି। ଭୋଟ୍ ରିଗିଂ ଉଦ୍ୟମକୁ କେନ୍ଦ୍ରକରି ୨୪ ଓ ୨୫ ନଂ. ୱାର୍ଡର ୬୫, ୬୬ ନଂ. ବୁଥ୍‌ରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ଗୋଷ୍ଠୀ ସଂଘର୍ଷରେ ୯ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗୋଟିଏ ଗୋଷ୍ଠୀ ବୁଥ୍ ପରିସରରେ ଜବରଦସ୍ତ ପଶିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିଥିଲେ। ଫଳରେ ଦୁଇଗୋଷ୍ଠୀ ପିଟାପିଟି ହେବାରୁ ଦୁଇ ବୁଥ୍‌ରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ୬୬ ନଂ. ବୁଥ୍‌ରେ ଉତ୍ତ୍ୟକ୍ତ ଲୋକେ ଇଭିଏମ୍ ଭଙ୍ଗାରୁଜା କରିଥିଲେ। ଦୁଇ ବୁଥ୍‌ରେ ମତଦାନ ବନ୍ଦ ରହିଥିବା ବେଳେ ନାଥସାହି ଗାଁରେ ପୋଲିସ ମୁତୟନ କରାଯାଇଛି।

## ବଡ଼ବିଲରେ ୬୨.୭୩ ପ୍ରତିଶତ ମତଦାନ

**ବଡ଼ବିଲ, ୨୪।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ପୌର ପରିଷଦ ନିର୍ବାଚନରେ ମତଦାନ ପ୍ରକ୍ରିୟା ଶେଷ ହୋଇଛି। ପୌରାଞ୍ଚଳରେ ଥିବା ୧୫ ୱାର୍ଡରେ ମୋଟ ୬୨.୭୩% ମତଦାନ ହୋଇଥିବା ଚମ୍ପୁଆ ଉପଜିଲାପାଳ ସୂଚନା ଦେଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ୧୫ଟି ୱାର୍ଡରେ ଥିବା ୫୭ଟି ବୁଥ୍‌ରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ବଡ଼ବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି। ଭାଜପା, ବିଜେଡି, କଂଗ୍ରେସ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ପୌର ଅଧକ୍ଷ ପଦବୀ ପାଇଁ ମୋଟ ୧୩ ଏବଂ ୧୫ଟି ୱାର୍ଡ ପାଇଁ ୬୩ଜଣ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ବନ୍ଦ ରହିଛି। ଆସନ୍ତା ୨୬ରେ ଭୋଟ ଗଣତି ହେବାକୁ ଥିଲାବେଳେ ଫଳାଫଳକୁ ନେଇ ପ୍ରାର୍ଥୀଙ୍କ ହୃତସ୍ପନ୍ଦନ ବଢ଼ିବାରେ ଲାଗିଛି।

## ଆତ୍ମହତ୍ୟା ଚେତାବନୀ ଦେଲେ ଚାଷୀ

### ବୈଶିଙ୍ଗାରେ ଧାନମଣ୍ଡି ବନ୍ଦ

**ବୈଶିଙ୍ଗା, ୨୪।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ସମବାୟ ସମିତି ପକ୍ଷରୁ ଟୋକନ ପାଇଥିବା ଚାଷୀମାନେ ମାସ ମାସ ଧରି ଅପେକ୍ଷା କରିବା ପରେ ମଧ ଧାନ ବିକି ନ ପାରି ହତାଶ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷରେ ଅସାଧୁ ଧାନ ବେପାରୀ କିନ୍ତୁ ଗାଡ଼ି ଗାଡି ଧାନ ସମବାୟ ସଂସ୍ଥା ଜରିଆରେ ମିଲରେ ବିକ୍ରୀ କରି ଚାଲିଥିବା ଅଭିଯୋଗ ହେଉଛି। ଏଥିପାଇଁ ମିଲ ମାଲିକ, ଧାନ ବେପାରୀଙ୍କ ସହିତ ସମବାୟ ସଂସ୍ଥାର କର୍ମକର୍ତ୍ତାଙ୍କ ତ୍ରୀକୋଣୀୟ ମଧୁଚନ୍ଦ୍ରିକା ପ୍ରକୃତ ଚାଷୀଙ୍କୁ ହତାଶ କରିଛି। ବୈଶିଙ୍ଗା ଲ୍ୟାମ୍ପ୍‌ସ ୨୦୨୧ ଅକ୍ଟୋବରରେ ପ୍ରଥମ ଅନ୍‌ଲାଇନ ଫର୍ମ ପୂରଣ କରିଥିଲେ ମଧ ଖରିଫ ଧାନ ଚାଷୀମାନେ ବିଳମ୍ବରେ ଟୋକନ ପାଇଥିଲେ। ଏକ ମାସର ଅବଧି ମଧ୍ୟରେ ମଣ୍ଡିରେ ଧାନ ବିକ୍ରୀ କରି ପାରି ନ ଥିବା ଚାଷୀ ସତ୍ୟଜିତ ରାଉତ, ବସନ୍ତ ସିଂହ, ଚକ୍ରା ସିଂହ, ରାମଚନ୍ଦ୍ର ଦାସ, ରବୀନ୍ଦ୍ର ନାଏକ, ବୈଦ୍ୟନାଥ ଦତ୍ତ, ଅଭୟ ମନ୍ତ୍ରୀ, ଲକ୍ଷ୍ମଣ ନାୟକ, ମନୋଜ ମହାରଣା, ସୁଧାକର ବିଶାଳ ପ୍ରମୁଖ ପ୍ରକାଶ କରିଛନ୍ତି। ଟୋକନ ସବୁ ବାଜ୍ୟାପ୍ତି ହୋଇ ଯାଇଥିବାରୁ ତୁରନ୍ତ ସେମାନଙ୍କ ଧାନ କିଣିବା ବ୍ୟବସ୍ଥା କରା ନ ଗଲେ ସମସ୍ତେ ଲ୍ୟାମ୍ପସ ଆଗରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଲ୍ୟାମ୍ପସର ଭାରପ୍ରାପ୍ତ ପରିଚାଳକ ହରିହର ଦାସଙ୍କୁ ପଚାରିବାରୁ ଧାନ କିଣିବା ପାଇଁ ଧାର୍ଯ୍ୟ ଟାର୍ଗେଟ ପୂରଣ ହୋଇ ସାରିଥିବା ବେଳେ ସରକାରଙ୍କ ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଆସି ନ ଥିବାରୁ ଧାନ କିଣା ଯାଇ ପାରୁ ନ ଥିବା କହିଛନ୍ତି।

## କେନ୍ଦୁଝରଗଡ଼ରେ ୬୮.୩୫% ଭୋଟ୍

**କେନ୍ଦୁଝର, ୨୪।୩ (ଡି.ଏନ୍.ଏ./ସ୍ୱା.ପ୍ର.)**

କେନ୍ଦୁଝର ଜିଲା କେନ୍ଦୁଝରଗଡ଼ ପୌରପାଳିକା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଠାରେ ୬୮.୩୫% ମତଦାନ ହୋଇଥିବା ସୂଚନା ମିଳିଛି। ୪୪,୧୮୬ ଭୋଟରଙ୍କ ମଧ୍ୟରୁ ୩୦,୨୦୩ ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୪,୯୩୦ ଜଣ ମହିଳା ଏବଂ ୧୫,୨୭୩ ପୁରୁଷ ଭୋଟର ଅଛନ୍ତି। ଏହି ପୌରପାଳିକାରେ ୫ ଜଣ ଅଧକ୍ଷ ପ୍ରାର୍ଥୀ ଏବଂ ୬୨ କାଉନ୍‌ସିଲର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ନିର୍ବାଚନ ସମୟରେ କେତେକ ସ୍ଥାନରେ ସାମାନ୍ୟ ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଭଦ୍ରକ ଜିଲା ଧାମନଗର ଏନ୍‌ଏସି ୧୬ ନଂ. ବୁଥ୍ ସମ୍ମୁଖରେ ଯୁବକଙ୍କୁ ଛୁରାମାଡ଼ ପ୍ରତିବାଦରେ ଟାୟାର ଜାଳି ରାସ୍ତାରୋକୋ କରିଥିବା ଲୋକଙ୍କୁ ପୋଲିସ ଫୋର୍ସ ବୁଝାଶୁଝା କରୁଛି।

## ରେମୁଣା ଏନଏସିରେ ପ୍ରଥମ ନିର୍ବାଚନ

**ବାଲେଶ୍ୱର ଅଫିସ, ୨୪।୩**

ବାଲେଶ୍ୱର ଜିଲା ରେମୁଣାକୁ ନୂତନ ଭାବେ ବିଜ୍ଞାପିତ ଅଞ୍ଚଳ (ଏନ୍‌ଏସି) ଭାବେ ଘୋଷଣା କରାଯାଇଥିଲା। ଏଥିରେ ୧୩ଟି ୱାର୍ଡ଼ରେ ୨୮ହଜାର ୩୬୯ ଭୋଟର ରହିଛନ୍ତି। ଚଳିତବର୍ଷ ପ୍ରଥମ କରି ନିର୍ବାଚନ କରାଯାଇଥିଲା। ୩୬ ବୁଥ୍‌ରେ ଭୋଟରମାନେ ମତଦାନ କରିଥିଲେ। ମୋଟ ୭୬.୬% ପୋଲିଂ ହୋଇଛି। ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ଓ ଠେଲାପେଲା ଦେଖିବାକୁ ମିଳିଥିଲା। ୨ନଂ. ୱାର୍ଡ଼ର କଅଁରାଳି, ୩ନଂ ଓ ୪ନଂ. ୱାର୍ଡ଼ର ଗଉଡ଼ଦାଣ୍ଡ, ୧୩ନଂ. ୱାର୍ଡ଼ ସୋମନାଥପୁର, ୫ନଂ. ୱାର୍ଡ଼ ରେମୁଣା ଫିଡ଼ର ସ୍କୁଲ, ୧୨ନଂ. ୱାର୍ଡ଼ ଜାନୁଗଞ୍ଜ ସ୍କୁଲରେ ଗଣ୍ଡଗୋଳ ଦେଖିବାକୁ ମିଳିଥିଲା। ଭାଜପା ପ୍ରାର୍ଥିନୀ ହେମଲତା ସେଠୀଙ୍କୁ ୧୨ନଂ. ୱାର୍ଡ଼ ଜାନୁଗଞ୍ଜ ସ୍କୁଲ ନିକଟରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଦଳ ଠେଲାପେଲା କରି ବାହାର କରିଦେଇଥିବା ଥାନା ଓ ପୋଲିଂ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି।




ରେମୁଣାରେ ହୋଇଥିବା ପିଙ୍କ ବୁଥ୍।

## ସୋରରେ ନିର୍ବାଚନ ଶାନ୍ତିପୂର୍ଣ୍ଣ

**ସୋର, ୨୪।୩(ଡି.ଏନ.ଏ.)**

ସୋର ମ୍ୟୁନିସିପାଲିଟିର ପ୍ରତ୍ୟକ୍ଷ ଅଧକ୍ଷ ପଦ ସହ ୧୯ ୱାର୍ଡ କାଉନ୍‌ସିଲର ପ୍ରାର୍ଥୀଙ୍କ ଲାଗି ନିର୍ବାଚନ ଛୋଟମୋଟ ଗଣ୍ଡଗୋଳକୁ ଛାଡି ଦେଲେ ପ୍ରାୟ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏହି ନିର୍ବାଚନରେ ୭୫ ପ୍ରତିଶତ ମତଦାନ ହୋଇଛି। ମ୍ୟୁନିସିପାଲିଟି ଅଧୀନ ୩ ନଂ. ୱାର୍ଡ ପାଇଁ ଗାନ୍ଧୀ ସେବାଶ୍ରମ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଭୋଟଦାନ ପରେ ଇଭିଏମ୍ ସିଲ୍ ହୋଇଥିଲା। ଏଜେଣ୍ଟମାନେ ବାହାରକୁ ଆସିବା ପରେ ଇଭିଏମ୍ ଟାମ୍ପରିଂ ହୋଇଥିବା ଅଭିଯୋଗରେ ଶତାଧିକ ଭାଜପା କର୍ମୀ ମତଦାନ କେନ୍ଦ୍ର ଗେଟ୍ ସାମ୍ନାରେ ରୁଣ୍ଡ ହୋଇ ଇଭିଏମ୍ ସହ ବୁଥ୍ କର୍ମଚାରୀ ଓ ପୋଲିସ ଗାଡି ଛାଡି ନ ଥିଲେ। ଖବରପାଇ ଥାନା ଭାରପ୍ରାପ୍ତ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରସ୍ଥିତି ଶାନ୍ତ ପଡିଥିଲା।

# ନିର୍ବାଚନ ଦାୟିତ୍ୱରେ ଥିବା ଶିକ୍ଷକ ନିଲମ୍ବିତ

ମାଲକାନଗିରି,୨୪।୩(ଡି.ଏନ୍.ଏ.)

ନିର୍ବାଚନ ଦାୟିତ୍ୱରେ ଥିବା ଜଣେ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ଦୁର୍ବ୍ୟବହାର କରି ଗୁରୁବାର ଚାକିରିରୁ ନିଲମ୍ବିତ ହୋଇଛନ୍ତି। ସେ ହେଲେ ମାଲକାନଗିରି ଜିଲା କାଳିମେଳା ବ୍ଲକ ଗୋମ୍ପାକୁଣ୍ଡା ମଙ୍ଗଳ ବିଭାଗ ହାଇସ୍କୁଲର ଶିକ୍ଷକ କେଶବ ଚନ୍ଦ୍ର ମାଡକାମି।

ମାଲକାନଗିରି ପୌର ନିର୍ବାଚନ ପାଇଁ ବୁଧବାର ଦଣ୍ଡକାରଣ୍ୟ ପଡ଼ିଆଠାରେ ପୋଲିଂ ଟିମ୍‌କୁ ଇଭିଏମ୍ ପ୍ରଦାନ କରାଯାଇଥିଲା। ଶିକ୍ଷକ କେଶବଙ୍କୁ ମଧ୍ୟ ପୋଲିଂ ଅଫିସର ଦାୟିତ୍ୱ ଦିଆଯାଇଥିଲା। ଇଭିଏମ୍ ସଂଗ୍ରହ ପାଇଁ ତାଙ୍କ ନାମ ବାରମ୍ବାର ଡକାଯିବା ପରେ ମଧ୍ୟ ସେ ପହଞ୍ଚି ନ ଥିଲେ। ପରେ ସେ ନିଶାସକ୍ତ ଅବସ୍ଥାରେ ପହଞ୍ଚିଥିଲେ। ଦାୟିତ୍ୱରେ ଥିବା ଅଧିକାରୀମାନେ ବିଳମ୍ବର କାରଣ ପଚାରିବାରୁ ଶିକ୍ଷକ ଗାଳିଗୁଲଜ କରିଥିଲେ। ଏଥିସହ ଚାକିରି ଦରକାର ନାହିଁ କହି ସେଠାରୁ ଚାଲିଯାଇଥିଲେ। ଘଟଣାର ତଦନ୍ତ କରି ଜିଲା ମଙ୍ଗଳ ଅଧିକାରୀ ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଜିଲାପାଳ କେଶବଙ୍କୁ ନିଲମ୍ବନ କରିଥିବା ଜିଲା ମଙ୍ଗଳ ଅଧିକାରୀ ସୂଚନା ଦେଇଛନ୍ତି।

# ଏମ୍‌ଏଲ୍‌ୟୁରେ ପରୀକ୍ଷା ସ୍ଥଗିତ

କଟକ ଅଫିସ,୨୪।୩

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍‌ଏଲ୍‌ୟୁ)ରେ ୫ ବର୍ଷିଆ ବିଏ ଏଲ୍‌ଏଲ୍‌ବି ଏବଂ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମର ପ୍ରଥମ ସେମିଷ୍ଟର ପରୀକ୍ଷା ସ୍ଥଗିତ ରଖାଯାଇଛି। ଏଥିସହ ଉକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୪ଟି ଆଇନ ମହାବିଦ୍ୟାଳୟରେ ମଧ୍ୟ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏନେଇ ଗୁରୁବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୧ ତାରିଖରୁ ୫ ବର୍ଷିଆ ବିଏ ଏଲ୍‌ଏଲ୍‌ବିର ପ୍ରଥମ ସେମିଷ୍ଟର ଆରମ୍ଭ ହୋଇଥିବାବେଳେ ୨୫ ତାରିଖରୁ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମର ପ୍ରଥମ ସେମିଷ୍ଟର ଆରମ୍ଭ ହେବାର ଥିଲା। ହେଲେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଭଦ୍ରକ ଆଇନ ମହାବିଦ୍ୟାଳୟ ଏଲ୍‌ଏଲ୍‌ବି ପାଠ୍ୟକ୍ରମର ଛାତ୍ରୀଛାତ୍ରମାନେ ଷ୍ଟେଟ୍ କଞ୍ଜୁମର ଡିସ୍‌ପ୍ୟୁଟ୍ସ ରିଡ୍ରେସାଲ କମିଶନ(ଏସ୍‌ସିଡିଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମିଷ୍ଟର ପରୀକ୍ଷା ନିଜ କଲେଜରେ ନ କରାଯାଇ ଅନ୍ୟ କଲେଜରେ ହେଉଥିବାରୁ ଏହାକୁ ବିରୋଧ କରି ସେମାନେ ଉକ୍ତ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ଅଭିଯୋଗ ବିଚାରାଧୀନ ଥିବାରୁ ଉକ୍ତ ପରୀକ୍ଷା ସ୍ଥଗିତ ନିମନ୍ତେ ଏସ୍‌ସିଡିଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ସମସ୍ୟାର ସମାଧାନ ହେଲା ପରେ ପୁଣି ଥରେ ପରୀକ୍ଷା ପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଟ୍ରକ୍ ଜାଳିଦେଲେ ମାଓବାଦୀ

## ରାସ୍ତା କାମକୁ ବିରୋଧ

ମାଲକାନଗିରି,୨୪।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀ ହିଂସାକାଣ୍ଡ ଘଟାଇଛନ୍ତି। ରାସ୍ତା କାମକୁ ବିରୋଧ କରି ଏକ ଟ୍ରକ୍‌କୁ ଜାଳିଦେଇଛନ୍ତି। ସୂଚନା ଅନୁଯାୟୀ ବିଜାପୁର ଜିଲା ଆମାବେଡ଼ାଠାରେ ରାସ୍ତା କାମ ଚାଲିଥିବାବେଳେ ରାସ୍ତା କାମ ବନ୍ଦ କରିବାକୁ ପୂର୍ବରୁ ଚେତାବନୀ ଦିଆଯାଇଥିଲା। ତଥାପି କାମ ଜାରି ରହିଥିବାରୁ ଗୁରୁବାର ଅନେକ ସଶସ୍ତ୍ର ମାଓବାଦୀ ପହଞ୍ଚି ରାସ୍ତାକାମରେ ନିୟୋଜିତ ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ଏଥିସହ କାମରେ ନିୟୋଜିତ ଶ୍ରମିକମାନଙ୍କୁ ରାସ୍ତା କାମ ନ କରିବାକୁ ଚେତାବନୀ ଦେଇଥିଲେ। ସୁରକ୍ଷା କର୍ମୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିବା ସହ ସର୍ଚ୍ଚ ଅପରେଶନକୁ ଜୋରଦାର କରିଛନ୍ତି। ବୁଧବାର ମଧ୍ୟ ମାଓବାଦୀମାନେ ଅନ୍ୟ ଏକ ସ୍ଥାନରେ ରାସ୍ତା କାମକୁ ବିରୋଧ କରି ୭ ଗାଡ଼ି ଜାଳି ଦେଇଥିଲେ।

# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No.RDM-LAC-BOL-0001-2022/6808 R&DM,** **dated- 02.03.2022**

No.VIII-10:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବଲାଙ୍ଗିର ଜିଲ୍ଲାର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ନିମନ୍ତେ **ମୌଜା- ଭଟପାଲି, ଥାନା- ପାଟଣାଗଡ଼, ନଂ.- ୭୭, ତହସିଲ- ପାଟଣାଗଡ଼, ଜିଲ୍ଲା- ବଲାଙ୍ଗିର**ରେ ନିମ୍ନ ତଫସିଲମତେ ପ୍ରାୟ **ଏ.୮୮.୮୭** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧ (୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଲୋୟର ସୁକତେଲ ଜଳସଚେନ ପ୍ରକଳ୍ପ, ବଲାଙ୍ଗିର।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକତେଲ ଜଳସେଚନ ଯୋଜନାର ଥଇଥାନ ଓ ପୁନର୍ବସତି ଶିବିର ଏବଂ ନିର୍ମାଣ ଖଣ୍ଡ, ବଲାଙ୍ଗିର।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଲୋୟର ସୁକତେଲ ଜଳସେଚନ ଯୋଜନାର ଜଳଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଥଇଥାନ ଓ ପୁନର୍ବାସ ଅନୁଦାନ ରାଶିର ବ୍ୟବସ୍ଥା ଅଛି।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ପ୍ରକଳ୍ପ ନିର୍ଦ୍ଦେଶକ (ଥଇଥାନ ଓ ପୁନର୍ବସତି) ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର।

୬- ଜମିର ବିବରଣୀ-

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏକର ୪.୨୫ ଗୋଚର ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବଲାଙ୍ଗିର | ପାଟଣାଗଡ଼ | ଭଟପାଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୮୮.୮୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ **ବଲାଙ୍ଗିର**ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗିର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

## ଭୂମି ଅନୁସୂଚୀ (ରୟତି ଜମି)

### ମୌଜା- ଭଟପାଲି, ଥାନା- ପାଟଣାଗଡ଼, ନଂ.- ୭୭, ତହସିଲ - ପାଟଣାଗଡ଼, ଜିଲ୍ଲା- ବଲାଙ୍ଗୀର
### ଲୋୟର ସୁକତେଲ ଜଳସଚେନ ପ୍ରକଳ୍ପ, ବଲାଙ୍ଗିର

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା |
|---|---|---|---|---|---|---|
| ୧ | ୪ | ୩୫୭ | ୦.୪୨ | ୦.୪୨ | ଆଟ ମାମୁଲି | ଆକୁଳ ସାହୁ, ପି-ଯାଦବ, ରାଧା ସାହୁ, ସ୍ୱା-ଯାଦବ, ପବିତ୍ର ସାହୁ, ପି-ଗୁଲଠୁ, ସୋଭା ଚନ୍ଦ୍ର ସାହୁ, ତନୁ ସାହୁ, ପି-ସୋମନାଥ, ଜା-ତେଲି, ବା-ନିଜଗାଁ |
| ୨ | | ୩୫୮ | ୨.୩୮ | ୨.୩୮ | ବା.ମା/୫ | |
| ୩ | | ୩୭୭ | ୦.୪୪ | ୦.୧୮ | ଅନ୍ୟାନ୍ୟ (ବନ୍ଧଆଡି) | |
| ୪ | | ୩୭୮ / ୫୩୯ | ୦.୯୯ | ୦.୫୪ | ବେ.ମା. | |
| ୫ | ୧୬ | ୩୭୮ | ୧.୦୬ | ୦.୬୦ | ବେ.ମା. | ଡ଼ିଲେଶ୍ୱର ମେହେର, ପି-ରୁପଧର ମେହେର, ଜା-ଭୁଲିଆ,ବା-ନିଜଗାଁ |
| ୬ | | ୩୫୭ / ୫୩୪ | ୦.୩୫ | ୦.୩୫ | ଆଟ ମାମୁଲି | |
| ୭ | | ୩୫୭ / ୫୩୫ | ୨.୯୦ | ୨.୫୫ | ବା.ମା. | |
| ୮ | ୨୦ | ୩୪୬ | ୦.୪୦ | ୦.୨୫ | ମା.ମା./୪ | ଧନସିଂହ ଗଣ୍ଡା, ପି-ସୁନାଧର ଗଣ୍ଡା, ଖଗେଶ୍ୱର ଗଣ୍ଡା, ସାହେବ ଗଣ୍ଡା, ଗରିବ ଗଣ୍ଡା, ପ-ସମନ୍ଦର ଗଣ୍ଡା, ଉକ୍ଳି ଗଣ୍ଡା, ସ୍ୱା-ସମନ୍ଦର ଗଣ୍ଡା,ଶ୍ରୀଧର ଗଣ୍ଡା, ପି-ଭୁବନ ଗଣ୍ଡା, ବା-ନିଜଗାଁ |
| ୯ | ୨୫ | ୧୩୮ | ୦.୯୦ | ୦.୯୦ | ବା.ମା. | ପୁରୁଷୋତ୍ତମ ମେହେର, ପି-ସିଦ୍ଧେଶ୍ୱର ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୧୦ | | ୩୪୦ | ୦.୨୬ | ୦.୨୬ | ବେ.ମା. | |
| ୧୧ | | ୩୪୧ | ୧.୬୮ | ୧.୬୮ | ବା.ପା.ଦୁ. | |
| ୧୨ | | ୧୨୭/ ୪୮୧ | ୧.୨୨ | ୧.୨୨ | ଆଟ ମାମୁଲି | |
| ୧୩ | | ୧୩୯/ ୪୮୩ | ୦.୨୦ | ୦.୨୦ | ଆଟ ମାମୁଲି | |
| ୧୪ | ୨୭ | ୨୦୪ | ୧.୧୫ | ୧.୧୫ | ବେ.ମା./୪ | ଭକଲୋ ବିଶି, ଲେପା ବିଶି, ପି-ଶରଧାକର ବିଶି, ଜା-ଗଉଡ, ବା-ନିଜଗାଁ |
| ୧୫ | | ୩୪୫ | ୦.୬୧ | ୦.୬୧ | ବା.ମା. | |
| ୧୬ | | ୨୦୫ | ୦.୨୫ | ୦.୨୫ | ଆଟ ମାମୁଲି | |
| ୧୭ | ୩୩ | ୧୫୭ | ୦.୨୫ | ୦.୨୫ | ମା.ମା. | ଲୋହିତ ମେହେର, ଜ୍ୟୋତିଲାଲ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ପି-ବିଷ୍ଣୁନାଥ ମେହେର, ନୁରାବତି ମେହେର, ସ୍ୱା-ବିଷ୍ଣୁନାଥ ମେହେର, ଭୃଙ୍ଗରାଜ ମେହେର, ପି-ମଦନ ମେହେର, ଜା-ଭୁଲିଆ,ବା-ନିଜଗାଁ |
| ୧୮ | | ୧୫୮ | ୦.୨୫ | ୦.୨୫ | ମା.ମା. | |
| ୧୯ | | ୧୫୯ | ୦.୨୧ | ୦.୨୧ | ମା.ମା. | |
| ୨୦ | | ୧୬୦ | ୧.୦୦ | ୧.୦୦ | ଆଟ ମାମୁଲି | |
| ୨୧ | | ୧୬୨ | ୦.୧୨ | ୦.୧୨ | ଆଟ ମାମୁଲି | |
| ୨୨ | | ୧୬୩ | ୦.୫୮ | ୦.୫୮ | ବା.ମା. | |
| ୨୩ | | ୧୬୬ | ୦.୧୨ | ୦.୧୨ | ବା.ମା./୬ | |
| ୨୪ | | ୧୬୭ | ୦.୬୩ | ୦.୬୩ | ବା.ପା.ଦୁ. | |
| ୨୫ | | ୧୬୮ | ୦.୨୩ | ୦.୨୩ | ବା.ପା.ଦୁ. | |
| ୨୬ | | ୧୬୯ | ୧.୧୮ | ୧.୧୮ | ବା.ପା.ଦୁ. | |
| ୨୭ | | ୧୭୦ | ୦.୧୩ | ୦.୧୩ | ଆଟ ମାମୁଲି | |
| ୨୮ | | ୧୭୧ | ୦.୧୨ | ୦.୧୨ | ଆଟ ମାମୁଲି | |
| ୨୯ | | ୧୭୨ | ୦.୧୪ | ୦.୧୪ | ଆଟ ମାମୁଲି | |
| ୩୦ | | ୧୭୩ | ୦.୯୫ | ୦.୯୫ | ମା.ମା./୧୨ | |
| ୩୧ | | ୧୭୪ | ୧.୬୪ | ୧.୬୪ | ମା.ମା./୮ | |
| ୩୨ | | ୧୭୫ | ୦.୮୨ | ୦.୮୨ | ବେ.ମା./୬ | |
| ୩୩ | | ୧୭୬ | ୦.୫୨ | ୦.୫୨ | ବା.ମା. | |
| ୩୪ | | ୧୭୭ | ୦.୪୪ | ୦.୪୪ | ବା.ମା. | |
| ୩୫ | | ୧୭୮ | ୧.୧୫ | ୧.୧୫ | ବା.ମା./୩ | |
| ୩୬ | | ୧୭୯ | ୦.୨୪ | ୦.୨୪ | ମା.ମା./୩ | |
| ୩୭ | | ୧୮୦ | ୦.୧୯ | ୦.୧୯ | ମା.ମା./୨ | |
| ୩୮ | | ୧୮୧ | ୦.୪୪ | ୦.୪୪ | ମା.ମା./୨ | |
| ୩୯ | | ୧୯୧ | ୦.୬୪ | ୦.୦୫ | ଅନ୍ୟାନ୍ୟ | |
| ୪୦ | | ୧୬୧/ ୫୨୫ | ୦.୬୦ | ୦.୬୦ | ଅନ୍ୟାନ୍ୟ | |
| ୪୧ | ୪୧ | ୧୩୦ | ୦.୭୨ | ୦.୭୨ | ବା.ମା. | ହୃଷିକେଶ ମେହେର, ପି-ସିଦ୍ଧେଶ୍ୱର ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୪୨ | | ୧୩୨ | ୦.୧୨ | ୦.୧୨ | ଅନ୍ୟାନ୍ୟ କ୍ଷେତ୍ରଆଡି | |
| ୪୩ | | ୧୩୩ | ୧.୪୦ | ୧.୪୦ | ଆଟ ମାମୁଲି | |
| ୪୪ | | ୨୧୨ | ୧.୭୪ | ୧.୭୪ | ବା.ପା.ଦୁ/୩ | |
| ୪୫ | | ୨୧୩ | ୦.୨୭ | ୦.୨୭ | ବେ.ପା.ଦୁ. | |
| ୪୬ | | ୧୨୯/ ୪୮୨ | ୦.୩୦ | ୦.୩୦ | ଆଟ ମାମୁଲି | |
| ୪୭ | ୪୧/୧ | ୧୬୫ | ୦.୧୧ | ୦.୧୧ | ଆଟ ମାମୁଲି | ଶ୍ରୀମତୀ ଜୟକୁମାରୀ ମେହେର, ପି-ହରିବନ୍ଧୁ ମେହେର, ଜା-ଭୁଲିଆ, ବା-କୁତମୁଣ୍ଡା |
| ୪୮ | | ୧୬୬/ ୫୪୫ | ୧.୩୦ | ୧.୩୦ | ବା.ମା. | |
| ୪୯ | ୪୧/୪ | ୧୫୫ | ୧.୧୫ | ୧.୧୫ | ବା.ମା. | ରତ୍ନାକର ବାଗ, ପି-ଧନୁ ବାଗ, ଜା-ଗଉଡ, ବା-ନିଜଗାଁ |
| ୫୦ | | ୧୫୪/ ୫୪୮ | ୦.୧୯ | ୦.୧୯ | ଆଟ ମାମୁଲି | |
| ୫୧ | | ୧୫୬/ ୫୪୯ | ୦.୧୪ | ୦.୧୪ | ଆଟ ମାମୁଲି | |
| ୫୨ | ୪୧/୬ | ୧୧୨ | ୦.୨୧ | ୦.୨୧ | ବେର୍ଣ୍ଣା ମାମୁଲି | ନେପୁର ବାଗ, ପି-ରତ୍ନ ବାଗ, ଜା-ଗଉଡ, ବା-ନିଜଗାଁ, |
| ୫୩ | ୪୧/୭ | ୧୪୦/ ୫୫୧ | ୦.୧୩ | ୦.୧୩ | ଆଟ ମାମୁଲି | ଖିରାବତୀ ମେହେର, ସ୍ୱା-ମଧୁ ମେହେର, ଜା-ଭୁଲିଆ, ବା-ରେଙ୍ଗାଲି |
| ୫୪ | | ୧୪୧/ ୫୫୨ | ୦.୫୦ | ୦.୫୦ | ବା.ମା. | |
| ୫୫ | | ୧୨୫/ ୪୭୮/ ୫୫୩ | ୦.୧୭ | ୦.୧୭ | ଆଟ ମାମୁଲି | |
| ୫୬ | ୪୧/୯ | ୨୦୩/ ୪୯୪ | ୦.୩୪ | ୦.୩୪ | ଆଟ ମାମୁଲି | ପୂର୍ଣ୍ଣଚନ୍ଦ୍ର ମେହେର, ପି-ଭକ୍ତରାମ ମେହେର, ଜା-ଭୁଲିଆ, ବା-ତମିଆ |
| ୫୭ | | ୧୬୫/ ୫୩୨ | ୦.୧୦ | ୦.୧୦ | ଆଟ ମାମୁଲି | |
| ୫୮ | | ୧୬୬/ ୫୩୩ | ୨.୨୦ | ୨.୨୦ | ବା.ମା. | |
| ୫୯ | ୪୧/୧୨ | ୩୪୪/ ୫୬୦ | ୧.୫୦ | ୦.୯୫ | ବା.ମା. | ହୃଷିକେଶ ମେହେର, ପି-ସିଦ୍ଧେଶ୍ୱର ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୬୦ | ୪୧/୧୫ | ୧୪୯/ ୫୬୫ | ୦.୦୧ | ୦.୦୧ | ବା.ମା. | ଚର୍ତୁଭୁଜ ମେହେର, ପି-ନାରାୟଣ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୬୧ | | ୧୫୩ | ୦.୩୭ | ୦.୩୭ | ଆଟ ମାମୁଲି | |
| ୬୨ | | ୧୫୨ | ୦.୩୮ | ୦.୩୮ | ଆଟ ମାମୁଲି | |
| ୬୩ | ୪୧/୧୬ | ୧୧୯/ ୫୭୦ | ୦.୮୭ | ୦.୭୬ | ଆଟ ମାମୁଲି | ଜୟରାମ ନାଗ, ପି-ଗେଥଲ ନାଗ, ଜା-ଗଉଡ, ବା-ନିଜଗାଁ |
| ୬୪ | | ୧୨୩/ ୫୭୧ | ୦.୦୪ | ୦.୦୪ | ମା.ମା. | |
| ୬୫ | | ୧୨୪/ ୫୭୨ | ୦.୧୭ | ୦.୧୭ | ବେ.ମା./୬ | |
| ୬୬ | | ୧୪୪/ ୪୮୪/ ୫୭୯ | ୦.୦୯ | ୦.୦୯ | ଆଟ ମାମୁଲି | |
| ୬୭ | | ୧୪୩/ ୫୭୩ | ୦.୬୨ | ୦.୬୨ | ବା.ମା. | |
| ୬୮ | ୪୧/୧୭ | ୧୧୯ | ୦.୮୬ | ୦.୩୫ | ଆଟ ମାମୁଲି | ଛିନୁ ନାଗ, ପି-ପୂର୍ଣ୍ଣ ନାଗ, ଜା-ଗଉଡ, ବା-ନିଜଗାଁ |
| ୬୯ | | ୧୨୩ | ୦.୨୪ | ୦.୨୪ | ମା.ମା. | |
| ୭୦ | | ୧୨୪ | ୦.୦୩ | ୦.୦୩ | ବେ.ମା./୬ | |
| ୭୧ | | ୧୪୩ | ୦.୭୨ | ୦.୭୨ | ବା.ମା. | |
| ୭୨ | | ୧୪୪/ ୪୮୪ | ୦.୦୯ | ୦.୦୯ | ଆଟ ମାମୁଲି | |
| ୭୩ | ୪୧/୧୮ | ୯୯ | ୦.୪୦ | ୦.୪୦ | ବେ.ମା. | କିର୍ତ୍ତନ ନାଗ, ପି-କାଳିଆ ନାଗ, ଜା-ଗଉଡ, ବା-ନିଜଗାଁ |
| ୭୪ | | ୧୨୫/ ୫୮୮ | ୦.୧୬ | ୦.୧୬ | ଆଟ ମାମୁଲି | |
| ୭୫ | | ୧୪୨/ ୫୮୦ | ୦.୫୫ | ୦.୫୫ | ବା.ମା. | |
| ୭୬ | | ୧୧୯/ ୪୭୪/ ୫୮୪ | ୦.୫୫ | ୦.୧୨ | ଆଟ ମାମୁଲି | |
| ୭୭ | | ୧୨୨/ ୪୭୬ | ୦.୧୭ | ୦.୧୭ | ମା.ମା. | |
| ୭୮ | | ୧୨୯/ ୪୭୯/ ୫୮୫ | ୦.୧୦ | ୦.୧୦ | ଆଟ ମାମୁଲି | |
| ୭୯ | ୪୧/୧୯ | ୧୪୪ | ୦.୨୩ | ୦.୨୩ | ଆଟ ମାମୁଲି | ଦ୍ୱାରୁ ନାଗ, ପି- ମନ ନାଗ, ଜା-ଗଉଡ, ବା-ନିଜଗାଁ |
| ୮୦ | | ୧୪୫ | ୧.୦୦ | ୧.୦୦ | ବା.ମା. | |
| ୮୧ | | ୧୪୬ | ୦.୩୦ | ୦.୩୦ | ଆଟ ମାମୁଲି | |
| ୮୨ | | ୧୪୮ | ୦.୩୬ | ୦.୩୬ | ଆଟ ମାମୁଲି | |
| ୮୩ | ୪୧/୨୦ | ୧୨୧ | ୦.୪୫ | ୦.୪୫ | ଆଟ ମାମୁଲି | ଧନମାଳି ନାଗ, ପି-ବୁଠି ନାଗ, ଜା-ଗଉଡ, ବା-ନିଜଗାଁ |
| ୮୪ | | ୧୨୨ | ୦.୬୩ | ୦.୬୩ | ମା.ମା./୪ | |
| ୮୫ | | ୧୨୬ | ୦.୨୯ | ୦.୨୯ | ଆଟ ମାମୁଲି | |
| ୮୬ | | ୧୪୦ | ୦.୩୦ | ୦.୩୦ | ଆଟ ମାମୁଲି | |
| ୮୭ | | ୧୪୧ | ୦.୫୦ | ୦.୫୦ | ବା.ମା. | |
| ୮୮ | | ୧୨୫/ ୪୭୭ | ୦.୧୦ | ୦.୧୦ | ଆଟ ମାମୁଲି | |
| ୮୯ | | ୧୨୫/ ୪୭୮ | ୦.୧୮ | ୦.୧୮ | ଆଟ ମାମୁଲି | |
| ୯୦ | ୪୧/୨୧ | ୧୦୯/ ୫୮୯ | ୦.୦୭ | ୦.୦୭ | ଆଟ ମାମୁଲି | ଦୁର୍ଯ୍ୟୋଧନ ନାଗ, ପି-ଢୁଗୁରୁ ନାଗ, ଜା-ଗଉଡ, ବା-ନିଜଗାଁ |
| ୯୧ | | ୧୪୭/ ୫୯୦ | ୧.୧୪ | ୧.୧୪ | ବା.ମା. | |
| ୯୨ | | ୧୪୯/ ୫୯୧ | ୦.୩୯ | ୦.୩୯ | ବା.ମା. | |
| ୯୩ | | ୧୫୦ | ୦.୧୩ | ୦.୧୩ | ଆଟ ମାମୁଲି | |
| ୯୪ | | ୧୦୮/ ୪୭୧/ ୫୯୪ | ୦.୨୭ | ୦.୨୭ | ଆଟ ମାମୁଲି | |
| ୯୫ | ୪୧/୨୨ | ୧୦୯ | ୦.୩୩ | ୦.୩୩ | ଆଟ ମାମୁଲି | ବେଦବ୍ରହ୍ମ ନାଗ, ପି-ଢୁଗୁରୁ ନାଗ, ଜା-ଗଉଡ, ବା-ନିଜଗାଁ |
| ୯୬ | | ୧୪୭ | ୧.୧୧ | ୧.୧୧ | ବା.ମା. | |
| ୯୭ | | ୧୪୯ | ୦.୨୬ | ୦.୨୬ | ବା.ମା. | |
| ୯୮ | | ୧୦୮/ ୪୭୧ | ୦.୧୧ | ୦.୧୧ | ଆଟ ମାମୁଲି | |
| ୯୯ | ୪୧/୨୩ | ୧୦୭/ ୫୯୬ | ୦.୦୪ | ୦.୦୪ | ବେ.ମା. | ସପୁର ଭୋଇ, ପି-ଛେଲିଆ ନାଗ, ଜା-ଗଉଡ, ବା-ନିଜଗାଁ |
| ୧୦୦ | | ୧୦୮/ ୫୯୮ | ୦.୧୫ | ୦.୧୫ | ଆଟ ମାମୁଲି | |
| ୧୦୧ | | ୧୦୮/ ୫୯୯ | ୦.୦୭ | ୦.୦୭ | ଆଟ ମାମୁଲି | |
| ୧୦୨ | | ୧୧୧/ ୬୦୦ | ୦.୭୬ | ୦.୭୬ | ବା.ମା. | |
| ୧୦୩ | | ୧୫୪/ ୬୦୧ | ୦.୧୯ | ୦.୧୯ | ଆଟ ମାମୁଲି | |
| ୧୦୪ | ୪୧/୨୪ | ୧୨୫ | ୦.୧୭ | ୦.୧୭ | ଆଟ ମାମୁଲି | ଟଡୋ ନାଗ, ପି-କାଳିଆ ନାଗ, ଜା-ଗଉଡ, ବା-ନିଜଗାଁ |
| ୧୦୫ | | ୧୪୨ | ୦.୫୫ | ୦.୫୫ | ବା.ମା. | |
| ୧୦୬ | | ୧୧୯/ ୪୭୪ | ୦.୬୧ | ୦.୨୮ | ଆଟ ମାମୁଲି | |
| ୧୦୭ | | ୧୨୯/ ୪୭୯ | ୦.୧୪ | ୦.୧୪ | ଆଟ ମାମୁଲି | |
| ୧୦୮ | ୪୧/୨୫ | ୧୦୬ | ୦.୪୫ | ୦.୪୫ | ଆଟ ମାମୁଲି | ନେପୁର ବାଗ, ପି-ଛେଲିଆ ବାଗ, ଜା-ଗଉଡ, ବା-ନିଜଗାଁ |
| ୧୦୯ | | ୧୦୭/ ୬୧୨ | ୦.୧୪ | ୦.୧୪ | ବେ.ମା. | |
| ୧୧୦ | | ୧୦୭/ ୬୧୧ | ୦.୧୩ | ୦.୧୩ | ବେ.ମା. | |
| ୧୧୧ | | ୧୦୭/ ୬୧୩ | ୦.୦୪ | ୦.୦୪ | ବେ.ମା | |
| ୧୧୨ | | ୧୦୭ | ୦.୧୨ | ୦.୧୨ | ବେ.ମା. | |
| ୧୧୩ | | ୧୦୮ | ୦.୩୩ | ୦.୩୩ | ଆଟ ମାମୁଲ | |
| ୧୧୪ | | ୧୧୦ | ୦.୨୧ | ୦.୨୧ | ମା.ମା. | |
| ୧୧୫ | | ୧୧୧/ ୬୧୪ | ୦.୫୯ | ୦.୫୯ | ବା.ମା. | |
| ୧୧୬ | | ୧୧୧ | ୦.୯୭ | ୦.୯୭ | ବା.ମା. | |
| ୧୧୭ | | ୧୧୩ | ୦.୪୫ | ୦.୪୫ | ବା.ମା./୩ | |
| ୧୧୮ | | ୧୧୭ | ୦.୩୦ | ୦.୩୦ | ମା.ମା. | |
| ୧୧୯ | | ୧୧୮ | ୦.୧୨ | ୦.୧୨ | ଅନ୍ୟାନ୍ୟ (କ୍ଷେ.ଆ.) | |
| ୧୨୦ | | ୧୫୪ | ୦.୩୨ | ୦.୩୨ | ଆଟ ମାମୁଲି | |
| ୧୨୧ | | ୧୫୬ | ୦.୧୯ | ୦.୧୯ | ଆଟ ମାମୁଲି | |
| ୧୨୨ | ୪୧/୨୯ | ୧୧୯/ ୪୭୩ | ୦.୫୪ | ୦.୫୪ | ଘରବାରି | ଅରୁଣ ରଣା, ପି-ନିଧି ରଣା, ଜା-କୁମ୍ଭାର, ବା-କୁଟୁମଡୋଲା |
| ୧୨୩ | ୪୧/୩୩ | ୧୧୯/ ୪୭୩/ ୬୨୧ | ୦.୦୨ | ୦.୦୨ | ଘରବାରି | ମନୋଜ ଜନଲୋକ, ପି-ଜନଲୋକ, ଜା-ଖ୍ରୀଷ୍ଟିଆନ, ବା-ଭୁଷାବଲ |
| ୧୨୪ | ୪୧/୩୪ | ୧୧୯/ ୪୭୩/ ୬୨୨ | ୦.୦୨ | ୦.୦୨ | ଘରବାରି | ଦୀପକ କୁମାର ଝାଲ, ପି-ଧ୍ରୁବଭାଇ ଝାଲ, ଜା-ଖ୍ରୀଷ୍ଟିଆନ, ବା-ଖରିଆର ରୋଡ |
| ୧୨୫ | ୪୧/୩୫ | ୧୧୯/ ୪୭୩/ ୬୨୩ | ୦.୦୨ | ୦.୦୨ | ଘରବାରି | ଯୋୟେଲନାଗ,ପି-ମାଥିଉସ୍ ନାଗ, ଜା-ଖ୍ରୀଷ୍ଟିଆନ, ବା-ବିନକା |
| ୧୨୬ | ୪୧/୩୬ | ୧୧୯/ ୪୭୩/ ୬୨୪ | ୦.୦୨ | ୦.୦୨ | ଘରବାରି | ସତ୍ୟାନନ୍ଦ ଦାନୀ, ପି-ପାଉଲ ଦାନୀ, ଜା-ଖ୍ରୀଷ୍ଟିୟାନ, ବା-ଗଡରାମୁଣ୍ଡା |
| ୧୨୭ | ୪୧/୩୮ | ୧୧୯/ ୪୭୩/ ୬୨୫ | ୦.୦୨ | ୦.୦୨ | ଘରବାରି | ଯୋଷୀ କୁମାର ଦେବାଙ୍ଗନ, ପି-ଚୈତରାମ ଦେବାଙ୍ଗନ, ଜା-କୋଷ୍ଟା, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୨୮ | ୪୧/୩୯ | ୧୧୯/ ୪୭୩/ ୬୨୬ | ୦.୦୨ | ୦.୦୨ | ଘରବାରି | ସାନ ମହାନନ୍ଦ, ପି-ଟିକେ ମହାନନ୍ଦ, ଜା-ଗଣ୍ଡା, ବା-ଢୋଲମୁଣ୍ଡା ମୁଣ୍ଡା, ଥା-କୁମୁନା, ଜିଲ୍ଲା-ନୂଆପଡା |
| ୧୨୯ | ୪୧/୪୦ | ୧୧୯/ ୪୭୩/ ୬୨୭ | ୦.୦୨ | ୦.୦୨ | ଘରବାରି | ରଣଜିତ ସାହୁ, ପି-ଈଶ୍ୱର ଚନ୍ଦ୍ର ସାହୁ, ଜା-ତେଲି, ବା-ଡୁଙ୍ଗୁରିପାଲି, ଜିଲ୍ଲା-ବରଗଡ |
| ୧୩୦ | ୪୧/୪୧ | ୧୧୯/ ୪୭୩/ ୬୨୮ | ୦.୦୨ | ୦.୦୨ | ଘରବାରି | ଅଶୋକ ଭୋଇ, ପି-ନାଥ ଭୋଇ, ଜା-କୁଳତା,ବା-ମହୁଲିପାଲି, ଥାନା-ପାଇକମାଲ, ଜିଲ୍ଲା-ବରଗଡ |
| ୧୩୧ | ୪୧/୪୨ | ୧୧୯/ ୪୭୩/ ୬୨୯ | ୦.୦୨ | ୦.୦୨ | ଘରବାରି | ପୂର୍ଣ୍ଣାନନ୍ଦ ସାହୁ, ପି-ହରିହର ସାହୁ, ଜା-ତେଲି, ବା-ଜୟପୁର,ଥାନା-ବୁଡେନ, ଜିଲ୍ଲା-ବରଗଡ |
| ୧୩୨ | ୪୧/୪୩ | ୧୧୯/ ୪୭୩/ ୬୩୦ | ୦.୦୨ | ୦.୦୨ | ଘରବାରି | ଧର୍ମ କୁମାର ସାହୁ, ପି-ବେଣୁଧର ସାହୁ, ଜା-ତେଲି, ବା-ପଦ୍ମପୁର,ଜିଲ୍ଲା-ବରଗଡ |
| ୧୩୩ | ୪୧/୪୪ | ୩୪୪/ ୬୪୭ | ୦.୨୫ | ୦.୨୫ | ବା.ମା. | ଗୋବିନ୍ଦ ପ୍ରସାଦ ମେହେର, ପି-ଆନନ୍ଦ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୧୩୪ | ୪୧/୪୬ | ୨୦୮/ ୬୩୫ | ୦.୧୫ | ୦.୧୫ | ଆଟ ମାମୁଲି | ଜଗଦିଶ ମେହେର, ପି-ହରିବନ୍ଧୁ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୧୩୫ | | ୨୦୭/ ୬୩୪ | ୦.୩୦ | ୦.୩୦ | ଆଟ ମାମୁଲି | |
| ୧୩୬ | ୪୧/୪୮ | ୩୪୪/ ୬୫୮ | ୦.୨୫ | ୦.୨୫ | ବା.ମା. | ଭବାନୀ ଶଙ୍କର ମେହେର, ପି-ନେତ୍ରାନନ୍ଦ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୧୩୭ | ୪୧/୫୧ | ୨୦୬ | ୦.୪୪ | ୦.୪୪ | ଆଟ ମାମୁଲି | ରାଜ କୁମାର ମେହେର, ପି-ତନୁଞ୍ଜୟ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୧୩୮ | ୪୧/୫୨ | ୩୪୪/ ୬୬୭ | ୦.୨୫ | ୦.୨୫ | ବା.ମା. | ଶୁକଦେବ ମେହେର, ପି-ଧନଞ୍ଜୟ ମେହେର, ଜା-ଭୁଲିଆ,ବା-ନିଜଗାଁ |
| ୧୩୯ | | ୨୦୮ | ୦.୪୪ | ୦.୪୪ | ଆଟ ମାମୁଲି | |
| ୧୪୦ | ୪୧/୫୬ | ୧୧୯/ ୪୭୩/ ୬୬୮ | ୦.୦୨ | ୦.୦୨ | ଘରବାରି | ୟୁସୁଫ କୁମାର ଝାଲା,ପି-ଧ୍ରୁବଭାଇ ଝାଲା, ଜା-ଖ୍ରୀଷ୍ଟିୟାନ, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୪୧ | ୪୧/୫୭ | ୧୧୯/ ୪୭୩/ ୬୬୯ | ୦.୦୨ | ୦.୦୨ | ଘରବାରି | ସୁରେନ୍ଦ୍ର କୁମାର ଦେୱାଙ୍ଗନ, ପି-ଚୈତରାମ ଦେୱାଙ୍ଗନ, ଜା-କୋଷ୍ଟା,ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୪୨ | ୪୧/୫୮ | ୧୧୯/ ୪୭୩/ ୬୭୦ | ୦.୦୨ | ୦.୦୨ | ଘରବାରି | କାଲାରାମ ମହାନନ୍ଦ, ପି-ହାତୁ ମହାନନ୍ଦ, ଜା-ଗଣ୍ଡା, ବା-ଗୋତମା, ଜିଲ୍ଲା-ନୂଆପଡା |
| ୧୪୩ | ୪୧/୫୯ | ୧୧୯/ ୪୭୩/ ୬୭୧ | ୦.୦୨ | ୦.୦୨ | ଘରବାରି | ଇମ୍ମାନୁଏଲ ଦାନି,ପି-ଇଶାକ ଦାନି,ଜା-ଖ୍ରୀଷ୍ଟିୟାନ, ବା-ଖଡିଆଲ, ଜିଲ୍ଲା-ନୂଆପଡା |
| ୧୪୪ | ୪୧/୬୦ | ୧୧୯/ ୪୭୩/ ୬୭୨ | ୦.୦୨ | ୦.୦୨ | ଘରବାରି | କେକୁରାମ ଦେୱାଙ୍ଗନ, ପି-ଇତବାରି ଦେୱାଙ୍ଗନ, ଜା-କୋଷ୍ଟା, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୪୫ | ୪୧/୬୧ | ୧୧୯/ ୪୭୩/ ୬୭୩ | ୦.୦୨ | ୦.୦୨ | ଘରବାରି | ଶୁଶିଲ କୁମାର ରାଉତ, ପି-ବନମାଳି ରାଉତ, ଜା-ଗଉଡ, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୪୬ | ୪୧/୬୨ | ୧୧୯/ ୪୭୩/ ୬୭୪ | ୦.୦୨ | ୦.୦୨ | ଘରବାରି | ମନୋଜ କୁମାର ତୁରକିଆ, ପି-ରସିକଲାଲ ତୁରକିଆ, ଜା-ବଣିଆ, ବା-ଖରିଆର ରୋଡ, ଜିଲ୍ଲା- ନୂଆପଡ଼ା |
| ୧୪୭ | ୪୧/୬୩ | ୧୧୯/ ୪୭୩/ ୬୭୫ | ୦.୦୨ | ୦.୦୨ | ଘରବାରି | କେଶବ ଲାଲ ଶ୍ରୀବାସ୍ତବ, ପି-ଶଙ୍କର ଲାଲ ଶ୍ରୀବାସ୍ତବ,ଜା-କାୟସ୍ଥ, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୪୮ | ୪୧/୬୪ | ୧୧୯/ ୪୭୩/ ୬୭୬ | ୦.୦୨ | ୦.୦୨ | ଘରବାରି | ଚନ୍ଦ୍ରମା ସେନାପତି, ସ୍ୱା-ରବିନ୍ଦ୍ର ଝାଲା, ଜା-ଖ୍ରୀଷ୍ଟିୟାନ, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୪୯ | ୪୧/୬୫ | ୧୧୯/ ୪୭୩/ ୬୭୯ | ୦.୦୨ | ୦.୦୨ | ଘରବାରି | ଭରତ ଚନ୍ଦ୍ର ସାହୁ, ପି-ଧର୍ମାନନ୍ଦ ସାହୁ, ଜା-ତେଲି, ବା-ଜୟପୁର, ଥାନା-ବୁଡେନ, ଜିଲ୍ଲା-ବରଗଡ |
| ୧୫୦ | ୪୧/୬୬ | ୧୧୯/ ୪୭୩/ ୬୮୦ | ୦.୦୨ | ୦.୦୨ | ଘରବାରି | ଭୁମେଲାଲ ବରିହା, ପି-ପାନ ସିଂ ବରିହା, ଜା-ବିଂଝାଲ, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୫୧ | ୪୧/୬୭ | ୧୧୯/ ୪୭୩/ ୬୮୧ | ୦.୦୨ | ୦.୦୨ | ଘରବାରି | ସୁବାଷ ଚନ୍ଦ୍ର ସାହୁ, ପି-ଦେବରାଜ ସାହୁ, ଜା-ତେଲି, ବା-ମୋଣ୍ଡୋସିଲ, ଥାନା-ପାଇକମାଲ, ଜିଲ୍ଲା-ବରଗଡ |
| ୧୫୨ | ୪୧/୬୮ | ୧୧୯/ ୪୭୩/ ୬୮୨ | ୦.୦୨ | ୦.୦୨ | ଘରବାରି | ଅଭିମନ୍ୟୁ ସାହୁ, ପି-ମାଧବ ସାହୁ, ଜା-ତେଲି, ବା-ଡଭା,ଥାନା-ଜଗଦଲପୁର, ଜିଲ୍ଲା-ବରଗଡ |
| ୧୫୩ | ୪୧/୬୯ | ୧୧୯/ ୪୭୩/ ୬୮୩ | ୦.୦୨ | ୦.୦୨ | ଘରବାରି | ସୁରେଶ ରଘାଟାଟେ, ପି-ଘାସିରାମ ରଘାଟାଟେ, ଜା-ତେଲି, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା |
| ୧୫୪ | ୪୧/୭୦ | ୧୧୯/ ୪୭୩/ ୬୮୪ | ୦.୦୨ | ୦.୦୨ | ଘରବାରି | ଅକ୍ଷୟ କୁମାର ପାତ୍ର, ପି-କାଲେବ ପାତ୍ର, ଜା-ଖ୍ରୀଷ୍ଟିଆନ, ବା-ବରପାଲି, ଜିଲ୍ଲା-ବରଗଡ |
| ୧୫୫ | ୪୧/୭୧ | ୧୧୯/ ୪୭୩/ ୬୮୫ | ୦.୦୨ | ୦.୦୨ | ଘରବାରି | ସରୋଜିନୀ ସୁନା, ପି-ତ୍ରିଲୋଚନ ସୁନା, ଜା-ଘାସି, ବା-ଖରିଆର ରୋଡ, ଜିଲ୍ଲା-ନୂଆପଡା, ଗିତାବାଇ ପାତ୍ରେ, ସ୍ୱା-ବିନୋଦ ପାତ୍ରେ, ପି-ତ୍ରିଲୋଚନ ପାତ୍ରେ, ଜା-ଘାସି, ବା-ଦୁର୍ଗ (ଛତିଶଗଡ) |
| ୧୫୬ | ୪୧/୭୨ | ୧୧୯/ ୪୭୩/ ୬୮୬ | ୦.୦୨ | ୦.୦୨ | ଘରବାରି | ଦୁଃଶାସନ ସାହୁ, ପି-ଭୂମିଧର ସାହୁ, ଜା-ତେଲି, ବା-ମିଠାପାଲି, ଥା-ପାଇକମାଲ, ଜିଲ୍ଲା-ବରଗଡ |
| ୧୫୭ | ୪୧/୭୩ | ୧୧୯/ ୪୭୩/ ୬୮୭ | ୦.୦୨ | ୦.୦୨ | ଘରବାରି | ରାଜେଶ କୁମାର ଦଣ୍ଡସେନା, ପି-ବିଶିକେଶନ ଦଣ୍ଡସେନା, ଜା-କଲାର, ବା-ଭୈଁଷା ଦର୍ହା, ଥା-ଝାରବନ୍ଧ,ଜିଲ୍ଲା-ବରଗଡ |
| ୧୫୮ | ୪୧/୭୪ | ୧୧୯/ ୪୭୩/ ୬୮୮ | ୦.୦୨ | ୦.୦୨ | ଘରବାରି | କୈଳାସ କୁମାର ଗର୍ଗ, ପି-ସତ୍ୟନାରାୟଣ ଗର୍ଗ, ଜା-ବଣିଆ, ବା-ଝାରବନ୍ଧ, ଜିଲ୍ଲା-ବରଗଡ |
| ୧୫୯ | ୪୧/୭୫ | ୧୧୯/ ୪୭୩/ ୬୮୯ | ୦.୦୨ | ୦.୦୨ | ଘରବାରି | ଯୁଗଳ କିଶୋର ଲରେନସ, ପି-ଜୋସେଫ ଲରେନସ, ଜା-ଖ୍ରୀଷ୍ଟିଆନ, ବା-ଖରିଆର ରୋଡ,ଜିଲ୍ଲା-ନୂଆପଡା |
| ୧୬୦ | ୪୧/୭୬ | ୩୪୩ | ୨.୩୪ | ୨.୩୪ | ବା.ମା. | ଲୋକନାଥ ମେହେର, ପି-କନ୍ଦର୍ପ ମେହେର, ଜା-ଭୁଲିଆ, ବା-ଭଟପାଲି |
| ୧୬୧ | ୪୧/୭୭ | ୩୫୪ | ୦.୧୪ | ୦.୧୪ | ମା.ମା. | ମାଳତୀ ମେହେର, ସ୍ୱା-ବୋଷ ଚନ୍ଦ୍ର ମେହେର, ଦେବେନ୍ଦ୍ର କୁମାର ମେହେର, ଜିତେନ୍ଦ୍ର କୁମାର ମେହେର, ପି-ବୋଷ ଚନ୍ଦ୍ର ମେହେର, ଜା-ଭୁଲିଆ, ବା-ଭଟପାଲି |
| ୧୬୨ | | ୩୬୦ | ୦.୪୭ | ୦.୪୭ | ବା.ମା. | |
| ୧୬୩ | ୪୧/୭୮ | ୧୨୭ | ୧.୬୧ | ୧.୩୦ | ଆ.ମା. | କିଶୋର ଚନ୍ଦ୍ର ମେହେର, ପି-କନ୍ଦର୍ପ ମେହେର, ଜା-ଭୁଲିଆ, ବା-ଭଟପାଲି |
| ୧୬୪ | | ୧୨୯ | ୦.୨୨ | ୦.୨୨ | ବା.ମା. | |
| ୧୬୫ | | ୧୩୬ | ୦.୧୮ | ୦.୧୮ | ଆ.ମା. | |
| ୧୬୬ | | ୧୩୭ | ୦.୮୧ | ୦.୮୧ | ବା.ମା. | |
| ୧୬୭ | ୪୧/୭୯ | ୯୭ | ୨.୬୫ | ୦.୦୫ | ଆ.ମା. | କିଶୋର ଚନ୍ଦ୍ର ମେହେର, ପି-କନ୍ଦର୍ପ ମେହେର, ଜା-ଭୁଲିଆ, ବା-ଭଟପାଲି |
| ୧୬୮ | | ୯୮ | ୦.୪୮ | ୦.୪୮ | ବେ.ମା | |
| ୧୬୯ | | ୧୧୪ | ୦.୭୦ | ୦.୭୦ | ବା.ମା. | |
| ୧୭୦ | | ୧୧୫ | ୦.୨୬ | ୦.୨୬ | ବେ.ମା | |
| ୧୭୧ | | ୧୧୬ | ୦.୧୬ | ୦.୧୬ | ବେ.ମା | |
| ୧୭୨ | | ୧୧୬/୪୭୨ | ୦.୧୧ | ୦.୧୧ | ମା.ମା. | |
| ୧୭୩ | ୪୧/୮୨ | ୧୧୯/ ୪୭୩/ ୬୯୧ | ୦.୦୨ | ୦.୦୨ | ଘରବାରି | ଲକ୍ଷ୍ମଣ କୁମାର ପୁରୋହିତ, ପି-ରାଧାମୋହନ ପୁରୋହିତ, ଜା-ବ୍ରାହ୍ମଣ, ବା-ହରଡଖୋଳ, ଜି-ସୋନପୁର |
| ୧୭୪ | ୪୧/୮୪ | ୧୦୭/ ୪୭୦/ ୬୯୨ | ୦.୦୩ | ୦.୦୩ | ମା.ମା. | ଶିବ ପ୍ରସାଦ ନାଗ, ପି-କୈବଲ୍ୟ ନାଗ, ଜା-ଗଣ୍ଡା, ବା-ଗଞ୍ଜାଉଡାର |
| ୧୭୫ | ୪୧/୮୫ | ୧୦୭/ ୪୭୦/ ୬୯୩ | ୦.୦୨ | ୦.୦୨ | ମା.ମା. | ଦିଲୀପ କୁମାର ମେହେର, ପି-ଭୀଷ୍ମଦେବ ମେହେର, ଜା-ଭୁଲିଆ, ବା-ସୋଲବନ୍ଧ |
| ୧୭୬ | ୪୧/୮୬ | ୧୦୭/୪୭୦/ ୬୯୪ | ୦.୦୩ | ୦.୦୩ | ମା.ମା. | ସୁଦାମ ମେହେର, ପି-ଭେଲାସାଗର ମେହେର, ଜା-ଭୁଲିଆ, ବା-ସୋଲବନ୍ଧ |
| ୧୭୭ | ୪୧/୮୭ | ୧୦୭/୪୭୦/ ୬୯୫ | ୦.୦୨ | ୦.୦୨ | ମା.ମା. | ଜୟକୁମାର ମେହେର, ପି-ପୂର୍ଣ୍ଣଚନ୍ଦ୍ର ମେହେର, ଜା-ଭୁଲିଆ, ବା-ବେଲପଡା |
| ୧୭୮ | ୪୧/୯୭ | ୧୯୭/୭୦୭ | ୦.୨୦ | ୦.୦୮ | ମା.ମା. | ରମେଶ କୁମାର ମେହେର, ରାକେଶ କୁମାର ମେହେର, ପି-ଚତୁର୍ଭୁଜ ମେହେର, ଜା-ଭୁଲିଆ,ବା-ଭଟପାଲି |
| ୧୭୯ | | ୧୯୯ | ୦.୪୫ | ୦.୪୫ | ବେ.ମା | |
| ୧୮୦ | | ୨୦୦ | ୦.୦୨ | ୦.୦୨ | ଅନ୍ୟାନ୍ୟ | |
| ୧୮୧ | | ୨୦୨ | ୨.୮୦ | ୨.୮୦ | ବା.ପା.ଦୁ. | |
| ୧୮୨ | | ୨୦୩/୪୯୫ | ୦.୩୬ | ୦.୩୬ | ଆ.ମା. | |
| ୧୮୩ | | ୩୪୯/୫୪୪ | ୦.୩୮ | ୦.୩୮ | ବା.ପା.ଦୁ. | |
| ୧୮୪ | ୪୧/୯୮ | ୧୯୭/୭୦୫ | ୨.୦୫ | ୧.୧୬ | ମା.ମା. | ମହାଦେବ ମେହେର, ଚତୁର୍ଭୁଜ ମେହେର, ପି-ନାରାୟଣ ମେହେର, ଜା-ଭୁଲିଆ, ବା-ଭଟପାଲି |
| ୧୮୫ | | ୨୦୧/୭୦୬ | ୨.୭୫ | ୨.୭୫ | ବା.ପା.ଦୁ. | |
| ୧୮୬ | | ୨୦୩ | ୦.୪୪ | ୦.୪୪ | ଆ.ମା. | |
| ୧୮୭ | ୪୧/୯୯ | ୨୦୭ | ୦.୧୩ | ୦.୧୩ | ଆ.ମା. | ଗୋପାଳ ଚନ୍ଦ୍ର ମେହେର, ଗୋପୀନାଥ ମେହେର, ପି-ମହାଦେବ ମେହେର, ଜା-ଭୁଲିଆ, ବା-ଭଟପାଲି |
| ୧୮୮ | | ୩୪୪ | ୦.୨୫ | ୦.୨୫ | ବା.ମା. | |
| ୧୮୯ | | ୨୧୪ | ୦.୫୪ | ୦.୫୪ | ବେ.ପା.ଦୁ. | |
| ୧୯୦ | | ୨୧୧ | ୨.୧୪ | ୨.୧୪ | ବା.ପା.ଦୁ. | |
| ୧୯୧ | | ୧୨୭/୪୩୮ | ୦.୪୩ | ୦.୪୩ | ବା.ମା. | |
| ୧୯୨ | | ୨୦୬/୬୪୩ | ୦.୩୧ | ୦.୩୧ | ଆ.ମା. | |
| ୧୯୩ | ୪୧/୧୦୦ | ୧୦୯/୭୦୯ | ୦.୦୯ | ୦.୦୯ | ଆ.ମା. | କୁନାଲ କାର୍ତ୍ତିକ ମେହେର, ପି-ଗୋପବନ୍ଧୁ ମେହେର, ଜା-ଭୁଲିଆ, ବା-ରାମପୁର,ପାଟଣାଗଡ |
| ୧୯୪ | | ୧୦୮/୪୭୧/ ୭୧୦ | ୦.୦୫ | ୦.୦୫ | ଆ.ମା. | |
| ୧୯୫ | ୪୧/୧୦୧ | ୧୦୯/୭୧୧ | ୦.୦୩ | ୦.୦୩ | ଆ.ମା. | ପଦ୍ମିନୀ ମେହେର, ସ୍ୱା-କୁଳମଣି ମେହେର, ଜା-ଭୁଲିଆ, ବା-ସରମୁହାଣ |
| ୧୯୬ | ୪୧/୧୦୨ | ୧୦୮/୪୭୧/ ୭୧୨ | ୦.୦୩ | ୦.୦୩ | ଆ.ମା. | ଦେବେନ୍ଦ୍ର କୁମାର ମେହେର, ପି-କୈଳାଶ ଚନ୍ଦ୍ର ମେହେର, ଜା-ଭୁଲିଆ, ବା-ରାଣୀଦରହ |
| ୧୯୭ | ୪୧/୧୦୩ | ୧୨୮ | ୦.୩୦ | ୦.୩୦ | ବେ.ମା | ଉପେନ୍ଦ୍ର ମେହେର, ପି-ଦୟାନିଧି ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୧୯୮ | | ୧୩୯ | ୦.୧୯ | ୦.୧୯ | ଆ.ମା. | |
| ୧୯୯ | | ୩୪୨ | ୨.୦୭ | ୨.୦୭ | ବା.ପା.ଦୁ. | |
| ୨୦୦ | | ୩୩୯ | ୦.୨୫ | ୦.୨୫ | ବେ.ପା.ଦୁ. | |
| ୨୦୧ | | ୩୫୯ | ୦.୨୨ | ୦.୨୨ | ବା.ମା. | |
| ୨୦୨ | | ୨୨୮/୪୩୯ | ୦.୬୮ | ୦.୬୮ | ବା.ମା. | |
| **ମୋଟ** | | **୨୦୨ ପ୍ଲଟ୍** | **୯୨.୩୧** | **୮୪.୬୨** | | |
| **ଗୋଚର ବଦଳି** | | | | | | |
| ୨୦୩ | ୪୧/୪୭ | ୨୮/୬୪୯ | ୧.୨୯ | ୦.୮୯ | ଆ.ମା. | ଶେଷଦେବ ମେହେର, ପି-ତନୁଞ୍ଜୟ ମେହେର,ଜା-ଭୁଲିଆ, ବା-ନିଜଗାଁ |
| ୨୦୪ | ୪୧/୪୮ | ୨୮/୬୫୬ | ୧.୨୯ | ୧.୦୦ | ଆ.ମା. | ଭବାନୀଶଙ୍କର ମେହେର, ପି-ନେତ୍ରାନନ୍ଦ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୨୦୫ | ୪୧/୯୩ | ୨୮/୬୫୯ | ୦.୯୩ | ୦.୯୩ | ଆ.ମା. | ସଦାଶିବ ମେହେର, ପି-ତନୁଞ୍ଜୟ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୨୦୬ | ୪୧/୫୧ | ୨୮ | ୦.୯୩ | ୦.୯୩ | ଆ.ମା. | ରାଜ କୁମାର ମେହେର, ପି-ତନୁଞ୍ଜୟ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୨୦୭ | | ୨୯ | ୦.୦୩ | ୦.୦୩ | ବେ.ମା | |
| ୨୦୮ | ୪୧/୫୦ | ୨୯/୬୬୦ | ୦.୩୬ | ୦.୩୬ | ବେ.ମା | ସଦାଶିବ ମେହେର, ପି-ତନୁଞ୍ଜୟ ମେହେର, ଜା-ଭୁଲିଆ, ବା-ନିଜଗାଁ |
| ୨୦୯ | | ୩୦/୬୬୧ | ୦.୧୧ | ୦.୧୧ | ମା.ମା. | |
| **ମୋଟ** | | **୭ ପ୍ଲଟ୍** | **୪.୯୪** | **୪.୨୫** | | |
| **ସର୍ବମୋଟ** | | **୨୦୯ ପ୍ଲଟ୍** | **୯୭.୨୫** | **୮୮.୮୭** | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**

**ଅଭୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ**

OIPR-24001/14/0311/2122

